Split by PDF Splitter



## NOTICE.

Wanted F. A. Assistant Master for the Maurbhanj H. E. school on Rs. 30 rising to Rs. 40. Experienced Oriya candidates should apply to the undersigned, stating age and qualifications by the 3rd January 1910.

Baripada 10—12—09 } S. N. Chakravarti, Superintendent of Education, Maurbhanj State

## NOTICE.

Notice is hereby given that the lease of the right to purchase and export Hide and Horns &c. from the Bonai State will be sold by public auction at the office of the Superintendent, Bonai State at Bonaigarh for a term of [illegible] years at 10 A.M. on the 20th. Jnry. 1910. Intending purchasers should send up their applications or appear in person before the undersigned on the above date and hour.

Dated Bonaigarh, 20-12-09 } Basudeb Misra, Superintendent, Bonai State.

### বিজ্ঞাপন ।

কায়স্থসভা আগামী বৎসরের জন্য ৩টী অসহায় কায়স্থ ছাত্রের শিক্ষাভার গ্রহণ করিতে প্রস্তুত আছেন । অতএব এরূপ ছাত্রের অভিভাবকগণ ও যে সকল ছাত্র আংশিক ও সম্পূর্ণ ব্যয় প্রদান করিয়া ছাত্রাবাসে অবস্থান করিতে ইচ্ছা করেন তাঁহারা সম্পাদকের নিকট আগামী জানুয়ারী মাসের ১০ তারিখের পূর্ব্বে আবেদনপত্র পাঠাইতে পারিবেন।

কটক বাখরাবাদ ২৩-১২-০৯ } শ্রী অক্ষয়কুমার ঘোষ, অবৈতনিক সম্পাদক

## ବିଜ୍ଞାପନ ।

ଗଭର୍ଣ୍ଣମେଣ୍ଟଙ୍କ ଅନୁମୋଦିତ ନୂତନ ନିୟମରେ ଆଗାମୀ ଜାନୁୟାରୀ ମାସରୁ କଟକ ଟ୍ରେନିଂସ୍କୁଲର ୧୯୧୦ ମସୀହାର କାର୍ଯ୍ୟାରମ୍ଭ ହେବ । ମଧ୍ୟ-ଇଂରାଜୀ, ମଧ୍ୟଛାତ୍ରବୃତ୍ତି କିମ୍ବା ନୂତନ ପଦ୍ଧତିର ପ୍ରାଇମେରୀ ପରୀକ୍ଷାରେ ପ୍ରବେଶାର୍ଥୀମାନଙ୍କର ଉତ୍ତୀର୍ଣ୍ଣ ହୋଇଥିବା ଅବଶ୍ୟକ । ପ୍ରଥମବାର୍ଷିକ ଶ୍ରେଣୀରେ ଯେଉଁମାନେ ପ୍ରବେଶ କରିବେ, ସେମାନଙ୍କୁ ନୂତନ ନିୟମାନୁସାରେ ଇଂରାଜୀ ପଢ଼ିବାକୁ ହେବ ଏବଂ ସେମାନଙ୍କୁ ପରୀକ୍ଷା ଫଳ ଉପରୁ ନୋଟିଫିକେସନ ଅନୁସାରେ ବୃତ୍ତି ହୋଇଏକ ଦିଆଯିବ । ପ୍ରବେଶାର୍ଥୀମାନେ ଆଗାମୀ ମାସ ୩ ତାରିଖରେ ପାସ ସାର୍ଟିଫିକେଟ ସହ ସ୍କୁଲରେ ଉପସ୍ଥିତ ହେବେନ ।

[illegible] Mohan Maharana. ସ୍କୁଲ, ଟ୍ରେନିଂସ୍କୁଲ, କଟକ

## ବିଜ୍ଞାପନ ।

ଆସନ୍ତା ଜାନୁୟାରୀ ମାସ ତା ୨୯ ରିଖଠାରୁ କଟକ ଜିଲା ଯାଜପୁର ନଗରରେ ଏକଗୋଟି କୃଷି ଓ ଶିଳ୍ପ ପ୍ରଦର୍ଶନୀ ଖୋଲାହେବ । ଉକ୍ତ ପ୍ରଦର୍ଶନୀରେ ପ୍ରଦର୍ଶନୀ ଉପଯୋଗୀ ଜିନିଷ ପଠାଇବା ମହାଶୟ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଅଛି । ପ୍ରଦର୍ଶନୀ ଉପଯୋଗୀ ଜିନିଷ ପଠାଇବା ନିମନ୍ତେ ଏମନ୍ତ ସର୍ତ୍ତ ପ୍ରଦର୍ଶନୀ ଫଣ୍ଡରୁ ଦିଆଯିବ । ଉକ୍ତ ୨୫୦ ସ ସହାଯେ ସୁନା ଓ ରୂପା ପଦକ, ନଗଦ ଟଙ୍କା ଓ ସାର୍ଟିଫିକେଟ ଦିଆଯିବ । ବିକ୍ରୟ ନିମନ୍ତେ ଆସିଥିବା ଜିନିଷ ବିକ୍ରୟ କରିବା ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରାଯିବ । ଯେଉଁମାନେ ପ୍ରଦର୍ଶନୀକୁ ଜିନିଷ ପଠାଇବା ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଜାନୁୟାରୀ ମାସ ତା ୧୦ ରଖ ମଧ୍ୟରେ ଜଣାଇବେ ଓ ଉକ୍ତ ଜାନୁୟାରୀ ମାସ ତା ୧୭ ରଖ ସୁଦ୍ଧା ଜିନିଷମାନ ପଠାଇବାକୁ ହେବ ।

ଯାଜପୁର ତା ୨୨।୧୨।୦୯ } P. C. Maulik, ସବଡିଭିଜନ ଅଫିସର, ପ୍ରେସିଡେଣ୍ଟ ପ୍ରଦର୍ଶନୀ କମିଟି ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ସୋନପୁର ରାଜ୍ୟର ଅଫିମ, ଗଞ୍ଜେଇ, ମାଦ, ଭାଙ୍ଗ, ଅବକାରୀ, ଚର୍ମ ଏବଂ ସୋନପୁର ଓ ବିନିକା ଉଭୟ ସଦରର ଟାଉନ ଡ୍ୟୁଟୀ ଠିକା ସନ ୧୯୧୦-୧୧ ଅର୍ଥାତ ଏକ ବର୍ଷ ପାଇଁ ନିଲାମ ଓ ବନ୍ଦୋବସ୍ତ ହେବ ଯଦି କୌଣସି ବ୍ୟକ୍ତି ଏ ମଧ୍ୟରୁ କୌଣସି ଠିକା ନେବାକୁ ଇଚ୍ଛା କରନ୍ତି ସେମାନେ ସୋନପୁର ମୁକାମରେ ଅମର ଦେଓ୍ୱାନ ସାହେବଙ୍କ କଚେରୀରେ ତା ୭।୧।୧୯୧୦ ରେ ଉପସ୍ଥିତ ହୋଇ ନିଲାମ ଡାକିବେ । ଠିକା ବିଷୟର କୌଣସି ବିଷୟରେ ସନ୍ଦେହ ହେଲେ ଠିକା ନିଲାମ ହେବା ପୂର୍ବେ ବା ସେହି ସମୟରେ ଦେଓ୍ୱାନ ସାହେବଙ୍କ ପତ୍ର ସନ୍ଦେହ ମୋଚନ କରି ପାରିବେ ।

BIRMITRODAYASING DEO.
ମହାରାଜା ଏବଂ ଫ୍ୟୁଡେଟରୀ ଚିଫ୍
ସୋନପୁର ଷ୍ଟେଟ

## ବିଜ୍ଞାପନ ।

ଅନୁଗୁଳ ଜିଲାରେ ଧରିହୋଇଥିବା ୯ଟି ହସ୍ତୀମାନଙ୍କ ନିମନ୍ତେ ହେଡ଼ମାହୁତ ଓ ମାହୁନ ଅବଶ୍ୟକ । ଉକ୍ତକାର୍ଯ୍ୟ ପ୍ରାର୍ଥୀମାନେ ସ୍ୱୟଂ ଶୀଘ୍ର ଆସି ଜିଲା ସଦରର ଡେପୁଟୀ କମିଶନର ସାହେବ ବାହାଦୂରଙ୍କ କଚେରୀରେ ଆବେଦନ କଲେ ଉପଯୁକ୍ତମାନେ ଉଚିତ ବେତନରେ ମଞ୍ଜୁର ହେବେ । ଯେଉଁମାନେ କେବଳ ମାହୁନ କାର୍ଯ୍ୟ କରିଜାଣନ୍ତି ସେମାନଙ୍କର ଆବେଦନ କରିବାର ଆବଶ୍ୟକ ନାହିଁ ।

ଅନୁଗୁଳ ତା ୨୭।୧୨।୦୯ } ଡେପୁଟିକମିଶନର, ଅନୁଗୁଳ


# ଭାରତ ଇନ୍‌ସିଓରେନ୍ସ କମ୍ପାନୀ, ଲେମିଟେଡ

ହେଡ଼ ଅଫିସ—ଭାରତ ବିଲ୍‌ଡିଙ୍ଗସ୍, ଲାହୋର ।
( ଯାହ୍ୟୋକ ଅର ସ୍ୱଦେଶୀ ଅଫିସ )

ବ୍ରାଞ୍ଚ ଅଫିସ :— ଲାହୋର, ରାଓଲପିଣ୍ଡି, ସକ୍କର, ନାଗପୁର, [illegible]ମିର, ଅହାମଦାବାଦ ମାନ୍ଦ୍ରାଜ, ହାଇଦରାବାଦ, ଢେକାନ

ଚିଫ ଏଜେନସି :—କଲିକତା ଓ ବମ୍ବାଇ ।

ଚେୟାରମ୍ୟାନ :—ଅନରେବଲ ମିଷ୍ଟର ହରକିସନ୍ ଲାଲ ବେଲ, ଲାହୋର,

ବାର୍ଷିକ ଆୟ :—ଟ ୫୦ ୦୦୦ ହଜାର ଉର୍ଦ୍ଧ ।

ସାଧାରଣ ଦାନ, ବାଣିଜ୍ୟ, ବିବାହ ଓ ଶିକ୍ଷା, ପୁରସ୍କାର ଓ ପେନସନ୍ ଓ ଟଙ୍କା ବ୍ୟବସାୟ, ସ୍ୱାସ୍ଥ୍ୟପରୀକ୍ଷା କରି ନ ଯାଇ ଜୀବନର ବୀମା କରାଯାଏ ।

୧ ବୀମା କୌଣସି ପ୍ରକାରରେ [illegible] ନାହିଁ ।
୨ ନିଦସ୍ତ ମୂଲ୍ୟ ସ୍ଥିର ଥାଏ ।
୩ ବୀମାକାରମାନେ କମ୍ପାନୀର ଲାଭରୁ ଅଂଶ ପାଇ ପାରନ୍ତି ।
୪ ଦାବୀ ଟଙ୍କା ନିରୂପିତ ସମୟରେ ଦିଆଯାଏ
୫ ସମସ୍ତ ପ୍ରକାର ସୁବିଧା ଦିଆଯାଏ

କ୍ଲାମିନ ସଙ୍ଗେ ରେଟର ସମାନ ଅନୁସାର

ଭାରତର ସମସ୍ତ ପରୀକ୍ଷକମାନଙ୍କଦ୍ୱାରା ଏବଂ ପୃଷ୍ଠପୋଷିତ ବ୍ୟବସାୟିମାନଙ୍କ, ସର୍ବଦା ଉତ୍ସାହିତ କରାଯାଏ ।

ବିଶେଷ ବିବରଣ ସକାଶେ ନିମ୍ନଲିଖିତ ଠିକଣାରେ ଆବେଦନ କର ।

ଲଜପତ ରାୟ ସାହିନି
ମେନେଜର


Digitized by srujanika@gmail.com

Split by PDF Splitter




FOR SALE.

1, One Dyke's Rubber-tyred Brougham Rs. 300
2. One Dyke's Rubber-tyred Landaulette Rs. 700
3. One C. B. Horse Rs. 60

The three together for Rs. 1050

Apply to

Nidheswar Chundra Chundra,
Chowdhury Bazar
CUTTACK.



ବିକ୍ରୟ ! ବିକ୍ରୟ !! ବିକ୍ରୟ !!!

କୁଲଗୋଛା ହିନ୍ଦ ସେଲିଂ ବିଶିଷ୍ଟ ଅଶ୍ୱ ଯୋଡ଼ିବା ଗାଡ଼ି ଭଲ ଅବସ୍ଥାରେ ଅଛି, ବିକ୍ରୟ ହେବ । ନିମ୍ନ ଲିଖିତ ଠିକଣାରେ ବୁଝିବା ହେବେ ।

ଶ୍ରୀ ହରଚରଣ ବନ୍ଦ୍ୟୋପାଧ୍ୟାୟ, ଉକିଲ
ସାହେବଜାଦା ବଜାର, କଟକ,



# ହସ୍ତୀ ବିକ୍ରୟ ।

ଶ୍ୱେତ ଦନ୍ତ ୫ ୧୧ ର ଦନ୍ତୀ କୃତନ ଧରା ହୋଇଅଛନ୍ତି । ଯେ ... ହସ୍ତୀ ଦନ୍ତୀ କେହି କ୍ରୟ କରିବାକୁ ଇଚ୍ଛା କଲେ ଉଚିତ ମୂଲ୍ୟରେ ଦିଆଯାଇ ପାରିବ ଯଦ୍ୟପି କେହି କ୍ରୟ କରିବାକୁ ଇଚ୍ଛା କରନ୍ତି ତେବେ ତାଙ୍କୁ ଅନୁରୋଧ ଯେ ସେ ପ୍ରଥମେ ଆପଣା ତରଫରୁ ଲୋକ ପଠାଇ ହସ୍ତୀ ଦେଖି ମୂଲ୍ୟ ସ୍ଥିର କରନ୍ତୁ । ୫।୧୨।୦୯

Rajah of Athmalik



# ନୂତନଗ୍ରନ୍ଥ ।

ଚିକିତ୍ସାରତ୍ନ ।

( ଅଖିଳ ବ୍ୟାଧି—ବିନାଶକ ଔଷଧମୁକ୍ତା )

ଏପରି ଗ୍ରନ୍ଥ ... ଓଡ଼ିଆ ଭାଷାରେ ଏଯାବତ୍ ପ୍ରକାଶିତ ହୋଇ ନ ଥିବା ... ଯାବତୀୟ ରୋଗର ସହଜ ପ୍ରାପ୍ୟ, ସୁଲଭ ଏବଂ ... ଔଷଧମାନ ଏଥିର ଓ ସରଳଭାଷାରେ ଲିଖିତ ହୋଇଅଛି । ନୂତନ ଚିକିତ୍ସକ ଅଥବା ଚିକିତ୍ସାରେ ଅନଭିଜ୍ଞ ବ୍ୟକ୍ତିଗଣ କଠିନ ରୋଗ ସମୟରେ ଏହି ଗ୍ରନ୍ଥରୁ ଯଥେଷ୍ଟ ସାହାଯ୍ୟ ପାଇ ପାରିବେ । ଏଥିରେ ସହଜ ପ୍ରାପ୍ୟ ଓ ଅଳ୍ପ ମୂଲ୍ୟର ବହୁ-ପରୀକ୍ଷିତ ଔଷଧମାନ ସନ୍ନିବେଶିତ ହୋଇଥିବାରୁ ଏହାଦ୍ୱାରା ପ୍ରତ୍ୟେକ ଗୃହସ୍ଥଙ୍କର ଯଥେଷ୍ଟ ଉପକାର ସାଧିତ ହେବ ... ସ୍ଥାନରେ ଡାକ୍ତର ବୈଦ୍ୟ ଡାକିବାର ହେବ ନାହିଁ, ... ଅର୍ଥବ୍ୟୟର ଯଥେଷ୍ଟ ଲାଘବ ହେବ । ମୂଳରୋଗ ... ଏହି ପୁସ୍ତକରୁ ଏପରି ସାହାଯ୍ୟ ମିଳି ପାରିବ, ଯାହା ସହସ୍ର ମୁଦ୍ରା ବ୍ୟୟ କଲେ ସୁଦ୍ଧା ସମ୍ଭବ ହେବ ନାହିଁ । ଡାକ୍ତର, କବିରାଜ, ଧନୀ, ଦରିଦ୍ର ସମସ୍ତଙ୍କର ଏହି ପୁସ୍ତକ ପାଠ୍ୟ ପ୍ରୟୋଜନୀୟ ଏବଂ ... ସବୁ ବନ୍ଧୁ । ମୂଲ୍ୟ ଏକଟଙ୍କା ମାତ୍ର । ଡାକ ମାସୁଲ ୫ ୦/ ମାତ୍ର ।

ପ୍ରାପ୍ତି ସ୍ଥାନ କଟକର ସମସ୍ତ ପୁସ୍ତକ ଦୋକାନ ଓ
ଶ୍ରୀ ... ପ୍ରସାଦ କବି ରତ୍ନ
ଆୟୁର୍ବେଦୀୟ ଔଷଧାଳୟ ବାଲୁବଜାର,
ପୋଃ ଚାନ୍ଦିନୀଚୌକ—କଟକ


# ଉତ୍କଳ ଦୀପିକା ।

କାଳଚକ୍ରର ଅବିଶ୍ରାନ୍ତ ଗତିରେ ଆଜି ସନାତନ ସନ ୧୯୧୦ ସାଲ ଉପସ୍ଥିତ ହୋଇଅଛି । ବିଶ୍ୱ-ବିଧାତା ଅନନ୍ତଦେବଙ୍କ ଅପାର କରୁଣାରେ ଆଜି ଶୁଭଦିନରେ ଜନସାଧାରଣ ସମ୍ମୁଖରେ ଉପସ୍ଥିତ ହେବା ଦେଖି ସେହି ମଙ୍ଗଳମୟ ପରମେଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଦେଇ ପାଠକ, ଗ୍ରାହକ ଏବଂ ଅନୁଗ୍ରାହକମାନଙ୍କୁ ଯଥୋଚିତ ମଙ୍ଗଳ ସମ୍ଭାଷଣ ପ୍ରଦାନପୂର୍ବକ ନବବର୍ଷ ନବ ସୁଖ ସୌଭାଗ୍ୟ କାମନା କରୁଅଛୁଁ । ଉତ୍କଳଦୀପିକା ସେମାନଙ୍କର ଅନୁଗ୍ରହରେ ୪୪ ବର୍ଷ ପୂର୍ଣ୍ଣ କରି ୪୫ ବର୍ଷରେ ପଦାର୍ପଣ କଲା । ଭରସା କରୁଁ ଏହାପ୍ରତି ସେମାନେ ପୂର୍ବ ଅନୁଗ୍ରହ ଅବିଚଳିତ ରଖି ସମସ୍ତ ତ୍ରୁଟି କ୍ଷମା କରିବେ । ସେମାନଙ୍କ ଦୟା ଓ ସହାନୁଭୂତି ଆମ୍ଭମାନଙ୍କର ସମ୍ବଳ ।

———

ସନ ୧୯୦୯ ସାଲ ଗତ କାଲି ବିଦାୟ ହୋଇଗଲା । ଏହାର ପୂର୍ବବର୍ଷ ଯେଉଁ ଦାରୁଣ ଅନ୍ନକଷ୍ଟ ଦେଶକୁ ଅସ୍ଥିର କରିଥିଲା ବର୍ଷର ଆରମ୍ଭରେ ତାହା ପ୍ରାୟ ରହିଥିଲା । ଏହି ଦୈବ କଷ୍ଟ ସଙ୍ଗେ ରାଜବିଦ୍ୱେଷ ଘଟିତ ନାନାକଷ୍ଟ ଲୋକଙ୍କର ଅଧିକ ଅଶାନ୍ତି ବଢ଼ାଇଥିଲା । ପରମେଶ୍ୱରଙ୍କର ପରମ ମଙ୍ଗଳମୟ ଇଚ୍ଛାରେ ଭଲ ଫସଲ ହେବାରେ ଅନ୍ନକଷ୍ଟ ଅନେକ ପରିମାଣରେ ଦୂର ହୋଇଅଛି ଓ ସାଧାରଣ ସ୍ୱାସ୍ଥ୍ୟର ମଧ୍ୟ ଉନ୍ନତି ଘଟିଅଛି । ରାଜା ମଧ୍ୟ ଜଣକେତେ ଭ୍ରାନ୍ତ ପାପିଷ୍ଠ ଯୁବାର ଅଶାନ୍ତ ଦୂଷିତ କାର୍ଯ୍ୟରେ ବିଚଳିତ ନ ହୋଇ ପ୍ରଜାବର୍ଗର ମଙ୍ଗଳ କାମନାରେ ଶାସନ ସଂସ୍କାରକାର୍ଯ୍ୟରେ ପ୍ରବୃତ୍ତ ହୋଇ ... ମଧ୍ୟରେ ବ୍ୟବସ୍ଥାପକ ସଭାରେ ... ଜଣର ଅଧିକାର ବଢ଼ାଇ ଦେଇଅଛନ୍ତି । ଏହି ନୂତନ ସଂସ୍କାର ଏବର୍ଷର ପ୍ରଧାନ ଘଟଣା ଏବଂ ଏଥିପାଇଁ ଇତିହାସରେ ଏହା ଚିରସ୍ମରଣୀୟ ହେବ । ସଂସାର ସର୍ବଦା ସୁଖ ଦୁଃଖ ଭୋଗର ସ୍ଥାନ, ପୁଣି ... କର୍ମ ଉପରେ ନିର୍ଭର କରେ । ଏ ବର୍ଷ ମଧ୍ୟ ଅନେକ ଦୁଃଖ ଭୋଗ ହୋଇ ଶେଷକୁ ସୁଖର ଭାଗ କିଛି ଅଧିକ ଦେଖାଯିବା ଆନନ୍ଦର ବିଷୟ ଅଟେ ଏବଂ ଏଥିପାଇଁ ଏବର୍ଷକୁ ଆଦର ସହିତ ବିଦାୟ ଦେଇ ଭରସା କରୁଅଛୁଁ ଯେ ସମସ୍ତେ ସ୍ୱକର୍ମରେ ପ୍ରବୃତ୍ତ ହୋଇ ଚଳିତ ବର୍ଷକୁ ଅଧିକ ଆଦରଣୀୟ କରିବେ ।

—*0*—

## XMAS IN SETTLEMENT CAMPS.

There is no Christmas in Settlement Camps. In the whole Christendom Christmas still holds high and the people enjoy the festival to their hearts' content. Our benign British Government as true Christians have given holidays to their officers from the Christmas Eve upto and including the New year's day so that the long vacation may allow them to enjoy the same in any way they like. We know that this privilege is not extended to the Postal or Telegraphic departments but the employees in these departments even have some so.. of cessation of work commensurate with public convenience. Their duties however are of a peculiar nature not to admit of any vacation. But the Settlement offices are altogether of a different stamp. They are as much like other Revenue offices as are attached to Government. Officers and ill-paid men in Settlement Camps are quite overworked working as they are from morning till after midnight. Like the veritable Shylock they are cons...ing midnight oil in watching over their treasure of Record of rights. But the people who are most interested in the record of rights—the raiyats—are awfully busy in harvesting their crops—the Christmas falling in the heart of the harvesting season. It is very troublesome for them to attend the Settlement Camps at this time. They can't spare even a minute to be away from their fields or threshing grounds. Poor raiyats—ill clad as they are—don't mind even the inclemencies of the winter season with heavy dews and cold wind and are up whole night either in their fields or threshing grounds guarding the fruits of whole year's labour. What harm is there then to allow holidays to the officers and men working in the Settlement Camps? Cost to public exchequer is no consideration in such matters when public convenience is at stake. Christian officers and men want the holidays of course badly and non-Christians now the less for harvesting their crops. Landlords and raiyats have equally no time to breathe in gathering and harvesting the yields of their own lands and both these feel great inconvenience in attending the Settlement Camps without whom the work in the Camps will be at a stand still. We therefore draw the attention of the authorities to take into kind consideration all these facts and close the Settlement offices d... the Christmas vacations whic... prove a boon to the poor of Orissa. Evils attac... revision of Settlement and this is no small

Digitized by srujanika@gmail.com

Split by PDF Splitter



ଥିଲ ଏବଂ ସେହେତୁ ପୂର୍ବେ ଏକଜଣ ସରକାରୀ ଜୁଡିସଲ କମ୍ପାଉଣ୍ଡରେ ଅପରାଧ କରିବାରୁ ସେ ସରକାର ଉକିଲଙ୍କ ପଦରେ ଇସ୍ତଫା ଦେଇ ନିର୍ବାଚନ ପ୍ରାର୍ଥୀ ହୋଇଥିଲେ । ପରେ କଲିକତା ମିଉନିସିପାଲ କର୍ପୋରେସନ ଜଣେ ସରକାରୀ ଆଇନ କର୍ମଚାରୀଙ୍କୁ ନିର୍ବାଚନ କରିବା ନେଇ ସେ ଆପତ୍ତି ହେବାରେ ଭାରତ ଗବର୍ଣ୍ଣମେଣ୍ଟ ନିଷ୍ପତ୍ତି କଲେ ଯେ ସରକାରୀ ଆଇନ କର୍ମଚାରୀ ସରକାରୀ କର୍ମଚାରୀ ଶ୍ରେଣୀ ମଧ୍ୟରେ ପଡ଼ନ୍ତି ନାହିଁ । ଏଥିରୁ ହିନ୍ଦୁ ପେଟ୍ରିଅଟ ଯଥାର୍ଥ କହୁଅଛନ୍ତି ଯେ ସରକାର ଉକିଲ ବା ସରକାରୀ ଆଇନ କର୍ମଚାରୀ ଦଣ୍ଡବିଧି ଆଇନାନୁସାରେ ସରକାରୀ କର୍ମଚାରୀର ଦଣ୍ଡନୀୟ ଅପରାଧ ସକାଶେ ଦଣ୍ଡ ପାଇବାର ଯୋଗ୍ୟ ହେବା ସ୍ଥଳେ ସରକାରୀ କର୍ମଚାରୀ ନୁହେ ଏମନ୍ତ ବୋଲିଯାଇ ନ ପାରେ । ଆମ୍ଭେମାନେ ଏବଂ ସମ୍ପାଦକୀୟ ପୂର୍ବରୁ ଏହି ମତ ପ୍ରକାଶ କରିଅଛୁଁ । ଗବର୍ଣ୍ଣମେଣ୍ଟ ଯାହା କହନ୍ତୁ ପଛକେ ସରକାରୀ ଉକିଲ ଓ ଅନ୍ୟ ସରକାରୀ କର୍ମଚାରୀ ମଧ୍ୟରେ କାର୍ଯ୍ୟତଃ ପ୍ରଭେଦ ନାହିଁ । ଏହା ଜନସାଧାରଣ ଉତ୍ତମ ରୂପେ ବୁଝନ୍ତି ଓ ପ୍ରତ୍ୟକ୍ଷ ଦେଖୁଅଛନ୍ତି । ସୁତରାଂ ସରକାର ଉକିଲଙ୍କୁ ଏହା ବ୍ୟବସ୍ଥାପକ ସଭାର୍ଥ କିମ୍ବା ମିଉନିସିପାଲିଟି ବା ଲୋକାଲ ବୋର୍ଡର ସଭ୍ୟ ନିର୍ବାଚନ କରିବା ଉଚିତ ନୁହେ ।

---

ବଙ୍ଗପ୍ରଦେଶର ସରକାରୀ ଜଙ୍ଗଲ ସମ୍ବନ୍ଧର ସନ ୧୯୦୮।୦୯ ସାଲର ବାର୍ଷିକ ବିବରଣୀରୁ ପ୍ରକାଶ ଯେ ଏହି ବର୍ଷର ଆର୍ଥିକ ଅବସ୍ଥା ଉତ୍ତମ ପ୍ରୀତିକର ଅଟେ । ଗତବର୍ଷରେ ରାଜସ୍ୱ ଟ ୧୧,୬୬,୭୦୦ ଟଙ୍କାରୁ ଏ ବର୍ଷ ହୋଇଅଛି ଟ ୧୨,୧୬,୯୧୮ ଟଙ୍କା । ଗତ ୫ ବର୍ଷର ହାରାହାରି ଆୟ ଥିଲା ବାର୍ଷିକ ଟ ୧୦,୧୬,୪୩୫ ଟଙ୍କା । ଅନ୍ୟ ପକ୍ଷରେ ବ୍ୟୟ ଗତବର୍ଷ ଟ ୬,୧୦,୩୦୯ ରୁ ଏ ବର୍ଷ ହୋଇଅଛି ଟ ୫,୯୬,୫୦୬ ଟଙ୍କା । ଆୟ ବୃଦ୍ଧି ଓ ବ୍ୟୟ ହ୍ରାସ ଅଧିକ ସନ୍ତୋଷର ବିଷୟ ଅଟେ । ସୁନ୍ଦରବନ ଜଙ୍ଗଲର ଆୟ ସବାପେକ୍ଷା ଅଧିକ ଥିଲା ଏବଂ ଗତବର୍ଷଠାରୁ ଶତକଡ଼ା ୭୧ ବଢ଼ିଥିଲା । କେବଳ ଅନୁକୂଳ ବର୍ଷାଗରେ ତ୍ରୁଟି ଘଟିଥିଲା । ଅର୍ଥାତ୍ ଅଯୁକ୍ତ ବ୍ୟୟ ବଳପଡ଼ିଥିଲା । ଜଙ୍ଗଲ ବିଭାଗର କାର୍ଯ୍ୟମଧ୍ୟରେ ଗୋଚାରଣ ପ୍ରସଙ୍ଗ ଅତ୍ୟନ୍ତ ଜଟିଳ ହୋଇଅଛି । ଗବାଦିର ଚରାଭୂମି ଯୋଗାଇବା ଆବଶ୍ୟକ ମାତ୍ର ଅବାଧେ ଛାଡ଼ିଦେଲେ ଗଛ ବଢ଼ାଇବା ଅସମ୍ଭବ କାରଣ ସ୍ୱଭାବତଃ ପଶୁମାନେ ଘାସ ଅପେକ୍ଷା ଛୋଟ ଗଛ ଖାଇବାକୁ ବଡ଼ ଭଲ ପାନ୍ତି । ପୁଣି ଘାସ ଉଣା ପଡ଼ିଲେ ଗଛ ଉପରେ ସେମାନଙ୍କର ଅଧିକ ହାତ । ଦାର୍ଜିଲିଂ ବିଭାଗରେ ଏକ ପ୍ରକାର ବାଡ଼ାବନ୍ଦ କରି ଗୋରୁଙ୍କୁ ଘାସ ଯୋଗାଇବାର କୌଶଳ ହୋଇଅଛି । ତାହା ସଫଳ ହେଲେ ଅନ୍ୟାନ୍ୟ ଜଙ୍ଗଲରେ ପ୍ରଚଳିତ ହେବ । ଅନ୍ୟ ବିପଦ ବନ୍ୟ ପଶୁର ଉପଦ୍ରବ । ଜଙ୍ଗଲୀ ହାତୀ ସମ୍ବନ୍ଧରେ ଗୋଟିଏ ପ୍ରସ୍ତାବ ଗବର୍ଣ୍ଣମେଣ୍ଟର ବିବେଚନାଧୀନରେ ଅଛି । ମନୁଷ୍ୟଘାତୀ ବାଘର ଅତ୍ୟାଚାର ସୁନ୍ଦରବନରେ ଅଧିକ ଏବଂ ଗତ ବର୍ଷର ଉପାୟରେ କିଛି ଉଣା ହୋଇଥିଲେ ପୁଣି ୧୦୩ ଜଣ ମନୁଷ୍ୟ ବାଘ ଖାଇଥିଲା । ବଡ଼ ବାଘ ମାରିବାର ପୁରସ୍କାର ଟ ୨୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଅଛି । ଭରସା କରୁଅଛୁ ଏଥିରେ ସୁଫଳ ଫଳିବ ।

---

ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ଅଧୀନସ୍ଥ ଇଲାକାରେ ଫୌଜଦାରୀ ଅଦାଲତମାନଙ୍କରେ ଆସାମୀ ପକ୍ଷରୁ ଓକିଲ ଉପସ୍ଥିତ ହେଲେ ଏତାବତ୍କାଳ ବିନା କୋର୍ଟଫିସରେ ସାଧା କାଗଜରେ ଓକାଲତନାମା ଲେଖି ଦାଖଲ ହେଉଥିଲା । ବର୍ତ୍ତମାନ ଓକାଲତନାମାରେ କୋର୍ଟଫିସ ଲଗାଇ ଓକିଲ ଉପସ୍ଥିତ ହେବା ମର୍ମରେ ଫୌଜଦାରୀ କାର୍ଯ୍ୟବିଧି ଆଇନରେ ବିଧି କରିବା କାରଣ ଭାରତ ଗବର୍ଣ୍ଣମେଣ୍ଟ ସମୀପରୁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ପତ୍ର ଲେଖିଅଛନ୍ତି । କୋର୍ଟଫିସ ଆଇନରେ ଫୌଜଦାରୀ ଅଦାଲତରେ ଓକାଲତନାମା ଯଥୋଚିତ କୋର୍ଟଫିସ ସହିତ ଦାଖଲ ହେବାର ବିଧି ଥିବା ସ୍ଥଳେ କିରୂପେ ମାନ୍ଦ୍ରାଜ ଇଲାକାରେ ବିନା କୋର୍ଟଫିସରେ ଓକାଲତନାମା ଦାଖଲ ହେଉଥିଲା ଆମ୍ଭମାନଙ୍କୁ ଜଣା ନାହିଁ । ସେ ଯାହା ହେଉ ବର୍ତ୍ତମାନ୍ ଯେଉଁବେଳେ ଏ କଥା ଉଠିଅଛି ଏଥିର ଗୋଟିଏ ପୂର୍ଣ୍ଣ ମୀମାଂସା ହେବା ଉଚିତ । ଭାରତ ଗବର୍ଣ୍ଣମେଣ୍ଟ ଏ ବିଷୟରେ ପ୍ରାଦେଶିକ ଶାସନକର୍ତ୍ତାମାନଙ୍କ ରିପୋର୍ଟ ନେବ କରିଅଛନ୍ତି । କଏଦୀ ବା ହାଜତ ଆସାମିମାନଙ୍କର ଦରଖାସ୍ତମାନ ବିନା କୋର୍ଟଫିସରେ ଦାଖଲ ହୁଏ । ସେମାନଙ୍କ ପକ୍ଷରୁ ଦାଖଲ ହେବା ଓକାଲତନାମା ବା ମୁକ୍ତାରନାମା ମଧ୍ୟ ବିନା କୋର୍ଟଫିସରେ ହେବା ବାଞ୍ଛନୀୟ ମଧ୍ୟ ଏପରି ଅନେକ ସ୍ଥଳରେ ଦେଖାଯାଏ ଯେ ଫୌଜଦାରୀ ଆସାମିମାନେ ସଙ୍ଗତ ଅଭାବରୁ ଓକାଲତନାମା ବା ମୁକ୍ତାରନାମାର କୋର୍ଟଫିସ ଦେଇ ପାରନ୍ତି ନାହିଁ । ଆମ୍ଭମାନଙ୍କ କ୍ଷୁଦ୍ର ବିବେଚନାରେ ସମସ୍ତ ଫୌଜଦାରୀ ମୋକଦ୍ଦମାମାନଙ୍କର ଓକାଲତନାମା ଏବଂ ମୁକ୍ତାରନାମା କୋର୍ଟଫିସ ଦାୟରୁ ରହିତ ହେବା ଉଚିତ, ବିଷୟର ଲାଘବକୁ ସରକାରଙ୍କର ଯଥେଷ୍ଟ ଲାଭ ହେଉଅଛି । ବଙ୍ଗରେ ଫୌଜଦାରୀ ଆସାମିମାନଙ୍କୁ ସହାୟତାର ସୁବିଧା ଦେବାର ଚେଷ୍ଟା ହୋଇଅଛି । ଭରସା କରୁଁ ସାମାନ୍ୟ ଅସୁବିଧା ଦୃଷ୍ଟି ନ ରଖି ଆମ୍ଭମାନଙ୍କର ସହୃଦୟ ଶାସନକର୍ତ୍ତାମାନେ ଫୌଜଦାରୀ ଅଦାଲତରେ ଆସାମିମାନେ ବିନା ଖର୍ଚ୍ଚରେ ଓକିଲ ମୁକ୍ତାର ଦେଇ ପାରିବାର ଉଦ୍ୟୋଗ କରିବେ ।

---

କଂଗ୍ରେସର ଲାହୋର ଅଧିବେଶନ ।

ଏହି ଅଧିବେଶନ ଗତ ତା ୨୭ ରଖରେ ଲାହୋରର ବ୍ରାଡ୍ଲା ଅଟ୍ଟାଳିକାରେ ହୋଇଥିଲା । କେତେ ପ୍ରତିନିଧି ଉପସ୍ଥିତ ଥିଲେ ଠିକ କୁହାଯାଇ ନ ପାରେ । ସ୍ୱପକ୍ଷ ଓ ବିପକ୍ଷ ଦଳ ଭିନ୍ନ କଥା କହୁଅଛନ୍ତି । ବିପକ୍ଷ ଦଳର କଥା ଏହିକି ପ୍ରତିନିଧି ସଂଖ୍ୟା ୩୦୦ ରୁ ଅଧିକ ନ ଥିଲା ଓ ତହିଁ ମଧ୍ୟରେ ମାନ୍ଦ୍ରାଜ ୧୫, ବଙ୍ଗ ୨, ଓ ଯୁକ୍ତପ୍ରଦେଶ ୮୦ ପଠାଇଥିଲେ ଓ ଅବଶିଷ୍ଟ ପଞ୍ଜାବର ଥିଲେ । ଦର୍ଶକ ଅଧେ ଖାଲି ପଡ଼ିଥିଲା । ଅନ୍ୟପକ୍ଷ ସଂଖ୍ୟା କହି ନାହାନ୍ତି ମାତ୍ର, କୃତ୍ୟ ପୂର୍ଣ୍ଣ ଥିବା ଓ ଯଥେଷ୍ଟ ଉତ୍ସାହ ସହିତ କାର୍ଯ୍ୟ ହୋଇଥିବାର ପ୍ରକାଶ କରନ୍ତି । ପ୍ରଥମ ଦିନ ଅଭ୍ୟର୍ଥନା ସମିତିର ସଭାପତି ଲାଲା ହରକିଷନ ଲାଲ ବକ୍ତୃତା ପରେ ଶ୍ରୀଯୁକ୍ତ ମଦନମୋହନ ମାଳବ୍ୟ ଉଦ୍ୟମରେ ସଭାପତି ମନୋନୀତ ହୋଇ, ବକ୍ତୃତା ପ୍ରଦାନ କରି ସେ ଦିନର କାର୍ଯ୍ୟ ଶେଷ କଲେ । ୨ୟ ଦିନ ବ୍ୟବସ୍ଥାପକ ସଭାର ସଂସ୍କାର ଏବଂ ପ୍ରାଦେଶିକ କାର୍ଯ୍ୟ ନିର୍ବାହ କୌଶଳ ସମ୍ବନ୍ଧ ବିଧିମାନଙ୍କର ସମାଲୋଚନରେ ସମାପ୍ତ ହୋଇଗଲା । ଏ ଦିନର କାର୍ଯ୍ୟରେ ସଭ୍ୟବୃନ୍ଦର ବିଶେଷ ଉତ୍ସାହ ଦେଖାଯାଇଥିଲା ଏବଂ ହିନ୍ଦୁ ମୁସଲମାନ ସମ୍ବନ୍ଧରେ ସେ ସମସ୍ତ ବିଧିର ଦୋଷ ଦେଖାଇ ପ୍ରସ୍ତାବମାନ ଏକମତରେ ଧାର୍ଯ୍ୟ କରିଥିଲେ । ୩ୟ ଦିନ ଅଧିବେଶନ ଶେଷ ହେଲା । ଏ ଦିନ ଅନେକ ଗୁରୁତ୍ୱ ପ୍ରସ୍ତାବ ଉପସ୍ଥିତ ହେବାରେ ସନ୍ଧ୍ୟା ସାତ ୭ ଟା ପର୍ଯ୍ୟନ୍ତ ବୈଠକ ହୋଇ ସଭା ଭଙ୍ଗ ହେଲା । ଆସନ୍ତା ବାର୍ଷିକ ଅଧିବେଶନ ଏଲାହାବାଦଠାରେ ହେବାର ସ୍ଥିର ହୋଇଅଛି । ଧାର୍ଯ୍ୟ ହେବା ପ୍ରସ୍ତାବ ସମୂହର ସଂକ୍ଷେପ ପରିଚୟ ଏବଂ ଅନ୍ୟାନ୍ୟ ବିଷୟ ଆସନ୍ତାରେ ଜଣାଇବୁ । ସଭାପତିଙ୍କର ଆଦ୍ୟ ବକ୍ତୃତା ପରିଶେଷ ବକ୍ତୃତା ମଧ୍ୟ ଅତ୍ୟନ୍ତ ଚିନ୍ତାଶୀଳ ଏବଂ ଉପଦେଶ-ପୂର୍ଣ୍ଣ ଥିଲା ।

---

Digitized by srujanika@gmail.com

Split by PDF Splitter



## ପୁଣି ଗ୍ଳାପଣ ହତ୍ୟାକାଣ୍ଡ ।

ବମ୍ବେର ପ୍ରଦେଶାନ୍ତର୍ଗତ ନାସିକଜିଲାର କଲେକ୍ଟର ଶ୍ରୀ ଜାକସନ ସାହେବ ଅକସ୍ମାତ ହତ୍ୟା ହୋଇଥିବାର ଗମ୍ଭୀର ଶୋକପୂର୍ଣ୍ଣ ସମ୍ବାଦ ହଠାତ୍ ପ୍ରକଟିତ ହୋଇ ସମସ୍ତଙ୍କୁ ଅତ୍ୟନ୍ତ ଦୁଃଖ ଓ ଶୋକରେ ବୁଡ଼ାଇ ଦେଇ ଅଛନ୍ତି । ଜାକସନ ସାହେବ କଲେକ୍ଟର ସ୍ୱରୂପ, ଦୟା ପ୍ରଭୃତି ସଦ୍‌ଗୁଣରେ ନାସିକର ପ୍ରଜାପୁଞ୍ଜର ଶ୍ରଦ୍ଧା ଓ ଭକ୍ତିର ପାତ୍ର ହୋଇଥିଲେ । ଉଚ୍ଚକାର୍ଯ୍ୟରେ ବମ୍ବେର ସଦର ମକାମକୁ ତାହାଙ୍କର ବଦଳି ହେବାରୁ ନାସିକସ୍ଥ ନଗର-ବାସିମାନେ ତାହାଙ୍କୁ ସମ୍ମାନ ସହିତ ବିଦାୟ ଦେବା ଉପଲକ୍ଷରେ ସେଠାର ବିଜୟାନନ୍ଦ ନାଟ୍ୟଶାଳା ଗୃହରେ ଏକ ସଭା କରିଥିଲେ । ଜାକସନ ସାହେବ ସନ୍ଧ୍ୟା ଭୋଜନପରେ ଏକଜଣ ବନ୍ଧୁଙ୍କ ସେହି ସଭାରେ ଯୋଗ ଦେବା କାରଣ ଯେମନ୍ତ ନାଟ୍ୟଶାଳାର ଦ୍ୱାରରେ ଉପସ୍ଥିତ ହେଲେ ହଠାତ୍ ଏକ ଯୁବା ତାହାଙ୍କ ସମ୍ମୁଖକୁ ଆସି ଏକ ରିଭଲଭର ବନ୍ଧୁକରେ ପାଞ୍ଚଗୋଟି ତାହାଙ୍କୁ ମାରିଲା । ସମସ୍ତ ଗୋଟି ତାହାଙ୍କ ଦେହରେ ବିଦ୍ଧ ହେଲା ଓ ସେ ତତ୍କ୍ଷଣାତ୍ ସେହିଠାରେ ଇହ ପ୍ରାଣ ତ୍ୟାଗ କଲେ । ଯେଉଁଠାରେ ରୁଣ୍ଡ ହୋଇଥିବା ଲୋକେ ଘାତକକୁ ଧରିଧରାନ୍ତେ ସେ ଆତ୍ମହତ୍ୟା କରିବା ସକାଶେ ଆପଣା ଦେହରେ ଲୁଚାଇ ରଖିଥିବା ଆଉ ଗୋଟାଏ ପିସ୍ତଲ ବ୍ୟବହାର କରି ପାରିଲା ନାହିଁ । ନତୁବା ଆତ୍ମହତ୍ୟା କରି ଥାନ୍ତା । ଅବିଲମ୍ବେ ସମ୍ବାଦ ପାଇ ପୁଲିସ ସୁପ୍ରି-ଣ୍ଟେ ପ୍ରଭୃତି ଆସି ଘାତକକୁ ଗିରଫ୍ତାର କଲେ ଓ ଡାକ୍ତର ସାହେବ ଆସି ଲାଶ ପରୀକ୍ଷା କରି ପ୍ରାଣ ବାହାରି ଯାଇଥିବାର ପ୍ରକାଶ କଲେ । ଘାତକର ବୟସ ୧୮ ବର୍ଷ ଓ ନାମ ଅନନ୍ତ ଲକ୍ଷ୍ମଣ କାହାରେ ବୋଲି ସେ ପ୍ରକାଶ କରୁ-ଅଛି । ସେ ଶୁଆପଢ଼ାପର ଯାହା କହୁଅଛି ତହିଁରୁ ଜଣାଯାଏ ଯେ ଜାକସନ ସାହେବ ତାହାର ବନ୍ଧୁ ଜ, ଭ, ସବରକାରଙ୍କ ମୋକ-ଦମା ବିଚାର କରିଥିବାରୁ ତହିଁର ପ୍ରତିଶୋଧ ନିମନ୍ତେ ତାହାଙ୍କୁ ହତ୍ୟା କରିଅଛି । ମୋକଦ-ମାର ବିଚାର ସମୟରେ ସେ ସମସ୍ତ କଥା ଜଣା ପଡ଼ିବ । ବର୍ତ୍ତମାନ ତାହାର ଏପ୍ରକାର ଘୃଣିତ ନୃଶଂସ କାର୍ଯ୍ୟ ଏବଂ ପ୍ରଜାରଞ୍ଜକ ଜାକ-ସନ ସାହେବଙ୍କର ମୃତ୍ୟୁଘଟିତ ସନ୍ତାପ ସମସ୍ତ ଭାରତବାସିଙ୍କର ହୃଦୟ ଅସ୍ଥିର କରିଅଛି । କେତେଜଣ ହିତାହିତ ଜ୍ଞାନଶୂନ୍ୟ ଉନ୍ମାଦଗ୍ରସ୍ତ ଅଳ୍ପବୟସ୍କ ଯୁବାଙ୍କର ଉପର୍ଯ୍ୟୁପରି ଭାରତର ଏପରି ବିପଦ ଘଟିବା ସାମାନ୍ୟ ପରିତାପର ବିଷୟ ନୁହେ । ଆପଣା ପିଲାମାନଙ୍କୁ ସମ୍ଭାଳିବା ଏ କାଳରେ ଏଡ଼େ କଠିନ ହୋଇଅଛି ଏ ଦୁଃଖ କାହାଆଗେ କହିବା ? ଯାହା ଇଂରାଜ ଶାସନ କାଳରେ ଭାରତରେ ହେବେ ଶୁଣା ନ ଥିଲା । ଯେଉଁ ହିନ୍ଦୁମାନେ ଧର୍ମାନ୍ଧ, ଦେବତା ଜ୍ଞାନରେ ରାଜକର୍ମଚାରୀମାନଙ୍କୁ ଭକ୍ତି କରିବା କର୍ତ୍ତବ୍ୟ ପ୍ରକାଶ କରନ୍ତି ଆଜି ସେହିମାନଙ୍କର ଗୋଟାକେତେ ଅକାଳକୁଷ୍ମାଣ୍ଡପିଲା ଯାହାଙ୍କର ବୁଦ୍ଧିକାଣ୍ଡ ଲାଗି ନାହିଁ କହିଲେ ଚଳେ ଦେଶ ଉଦ୍ଧାରରେ ବାତୁଳପ୍ରାୟ ଘାତକ ହୋଇ ନିଜପ୍ରାଣ ବିସର୍ଜନ କରୁଅଛନ୍ତି ଓ ସମସ୍ତ ଦେଶ ବାଟଙ୍କ ବାନ୍ଧୁଅଛନ୍ତି ସାମାନ୍ୟ ଦୁଃଖର କଥା ନୁହେ । ଜଣକଦୋଷରେ ଦଶଜଣ ଦଣ୍ଡି-ହେବା ସାଧାରଣ କଥା । ଏମାନଙ୍କର ଚରିତ୍ର ଦେଖି ଶାସନକର୍ତ୍ତାମାନେ ସମସ୍ତଙ୍କୁ ଅବିଶ୍ୱାସ କଲେ ତହିଁର ଉତ୍ତର ନାହିଁ । ଶାସନକର୍ତ୍ତା ଯେ ସମସ୍ତଙ୍କୁ ଅବଧି ଅବିଶ୍ୱାସ କରୁ ନାହାନ୍ତି ଏହା ତାହାଙ୍କର ଅଶେଷ ଗୌରବ ମାତ୍ର ଦମନ ନୀତିଦ୍ୱାରା ଆମ୍ଭେମାନେ ଯେ ଦୁଃଖ ଭୋଗ କରୁଅଛୁଁ ଏବଂ ଏଣିକି ଅଧିକ ଭୋଗ କରିବୁଁ ତହିଁ ନିମନ୍ତେ ଗୁହାରି କରିବାର ବାଟ ନାହିଁ । ଏହି ଘୋର ବିପଦ ସମୟରେ ଏକମାତ୍ର ଈଶ୍ୱର ଭରସା ନାତ ଧର୍ମ ଛାଡ଼ି ଆମ୍ଭେମାନେ ଅବାଟରେ ଗଲବାରୁ ତାହାଙ୍କ ନିକଟରେ ସୁଦ୍ଧା ଛଡ଼ା-ହୋଇ ପାରୁ ନାହୁଁ । ପିଲାମାନେ ଉପର ଅବାଟ ହୋଇ ଧର୍ମପଥରୁ ଫେରିଅଛିବେ ସମସ୍ତଙ୍କର ସେହି ଚେଷ୍ଟା କରିବା ଏକାନ୍ତ କର୍ତ୍ତବ୍ୟ ।

---

## ଶ୍ରୀରାମପୁର ବୟନ ବିଦ୍ୟାଳୟ ।

ବଙ୍ଗ ଗବର୍ଣ୍ଣମେଣ୍ଟ କଲିକତା ନିକଟ ଶ୍ରୀରାମ-ପୁରରେ ଲୁଗାବୁଣା ଶିକ୍ଷା ଦେବାକାରଣ ଗୋ-ଟିଏ ସ୍କୁଲ ସ୍ଥାପନ କରିବାର ପାଠକମାନଙ୍କୁ ଜଣାଅଛି । ସେହି ବିଦ୍ୟାଳୟ ସମ୍ବନ୍ଧୀୟ ନିୟମା-ବଳୀ ଗତ ତା ୨୨ରଖର କଲିକତା ଗେଜେଟରେ ଘୋଷିତ ହୋଇଅଛି । ତହିଁର ସାରାଂଶ ଏଠା-ରେ ପ୍ରକାଶ କଲୁଁ ଯଥା :—

ଏହି ବିଦ୍ୟାଳୟରେ ଦୁଇ ଶ୍ରେଣୀର ଶିକ୍ଷା ଦିଆଯିବ । ୧ମ ଶ୍ରେଣୀରେ ଯେଉଁମାନେ ଶିକ୍ଷା କରିବେ ସେମାନେ ଶିକ୍ଷକ ଅଥବା କୌଣସି ଲୁଗାବୁଣା କାରଖାନାର ମାନେଜର ହୋଇପା-ରିବେ । ୨ୟ ଶ୍ରେଣୀରେ ଶ୍ରୀରାମପୁର ଏବଂ ଅନ୍ୟାନ୍ୟ ସ୍ଥାନର ତନ୍ତି ପିଲାମାନେ ତାନ୍ତରେ ଲୁଗା ବୁଣିବା କାର୍ଯ୍ୟ ଶିଖିବେ । ୧ମ ଶ୍ରେଣୀରେ ଏକବର୍ଷରେ ନ ୨୫ ଜଣରୁ ଅଧିକ ଛାତ୍ର ଭରତି ହେବେ ନାହିଁ । ଯେଉଁମାନେ ଏଣ୍ଟ୍ରାନ୍‌ସ ଅଥବା ନ କ୍ଲାସ ପରୀକ୍ଷା ପାସ କରିଥିବେ ଅଥବା ଶିବପୁର ଇଞ୍ଜିନିୟରିଂ କଲେଜ ଅପ୍ରେଣ୍ଟିସ ବିଭାଗରେ ସବଓଭରସିଅର ଶିକ୍ଷା ପାଇଥିବେ ସେହିମାନେ ଭରତି ହେବେ । ଜାନୁଆରି ମାସ ପ୍ରଥମ ସପ୍ତାହରେ ସ୍କୁଲର ପ୍ରିନ୍‌ସିପାଲଙ୍କଠାରେ ଆବେଦନ କରିବାକୁ ହେବ । ନ ୨୦ ଜଣ ଛାତ୍ର ମାସକୁ ଟ ୧୫ ଙ୍କା ଲେଖାଏଁ ସରକାରୀ ବୃତ୍ତି ଏକବର୍ଷ ବା ଦୁଇବର୍ଷ ପର୍ଯ୍ୟନ୍ତ ପାଇବେ କିନ୍ତୁ ଯେ ଛାତ୍ର ୧ମ ବର୍ଷ ପରୀକ୍ଷାରେ ପାସ୍ କରି ନ ପାରିବ ସେ ୨ୟ ବର୍ଷକୁ ବୃତ୍ତି ପାଇବ ନାହିଁ । ୨ୟ ବର୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଶିକ୍ଷାବି-ଭାଗର ଡାଇରେକ୍ଟରଙ୍କଠାରୁ ସାର୍ଟିଫିକେଟ ପାଇବ ।

୨ୟ ବା ନିମ୍ନଶ୍ରେଣୀର ଅଭିପ୍ରାୟ କେବଳ ଶ୍ରୀରାମପୁର ଓ ତନ୍ନିକଟ ସ୍ଥାନର ତନ୍ତିମାନଙ୍କୁ ଶିକ୍ଷା ଦେବା ମାତ୍ର । ପଶ୍ଚିମ ଓ ପୂର୍ବ ବଙ୍ଗର ତନ୍ତିମାନେ ଗୃହୀତ ହୋଇ ପାରିବେ । ଏ ଶ୍ରେ-ଣୀର ଛାତ୍ର ସୀମା ନ ୫୦ ଜଣ ଓ ପଢ଼ିବା କାଳ ମା ୪ ମ ଠାରୁ ଏକବର୍ଷ ଯାଏ । ତନ୍ତି ଏବଂ ସେମାନଙ୍କର ପିଲାମାନେ ଭରତି ହେବାର ଯୋଗ୍ୟ । ମାସକୁ ଟ ୭୧ ଙ୍କା ଲେଖାଏଁ ୨୦ ଟା ଏବଂ ମାସକୁ ଟ ୪୧ ଙ୍କା ଲେଖାଏ ୨୦ ଟା ସରକାରୀ ବୃତ୍ତି ଦିଆଯିବ । ଏଭବରେ ଛାତ୍ରଗ-ଣର ସମସ୍ତ ବର୍ଷାଶନ ଚଳିବ ନାହିଁ । ଜିଲା ବୋର୍ଡ଼ ମିଉନିସିପାଲିଟି ଏବଂ ଅନ୍ୟାନ୍ୟ ସାଧା-ରଣ ସମିତି ଯେଉଁମାନେ ଛାତ୍ର ପଠାଇବେ ସେ-ମାନେ ଅବଶ୍ୟ ସାହାଯ୍ୟ କରିବେ, ଯେପରି ସେ ମାସକୁ ଅନ୍ତତଃ ଟ ୧୦୧ ଙ୍କା ଭରଣା ହେବ । ଯେଉଁ ଜିଲା ବୋର୍ଡ଼, ମିଉନିସିପାଲିଟି ବା ଅନ୍ୟ ସାଧାରଣ ସମିତି ବୃତ୍ତି ଦେବେ ସେହି-ମାନଙ୍କଦ୍ୱାରା ସ୍କୁଲରେ ଭରତି ହେବାର ଆବେଦନ ପତ୍ର ଜାନୁଆରି ମାସରେ ଅଥବା ଅନ୍ୟ କୌଣସି ସମୟରେ ସ୍କୁଲର ପ୍ରିନ୍‌ସିପାଲଙ୍କ ନିକ-ଟକୁ ପଠାଇବା ଆବଶ୍ୟକ । ଓଡ଼ିଶାର ତନ୍ତିମା-ନେ ଏ ବିଦ୍ୟାଳୟରେ ଶିକ୍ଷା ପାଇବାର ଯୋଗ୍ୟ କି ନା ଠିକ ବୁଝାଯାଉ ନାହିଁ । ଶ୍ରୀରାମ-ପୁର ଓ ତହିଁର ପାର୍ଶ୍ୱସ୍ଥାନର ତଥା ସ୍ପଷ୍ଟ ଲେଖାଥିବାରୁ ସେପରି ସନ୍ଦେହ ହେଉଅଛି ।

—*⁂*—

## ବ୍ରହ୍ମପୁର ବୈଷ୍ଣବ ସମ୍ମିଳନୀ ।

ଏହି ସମ୍ମିଳନୀର ବିସ୍ତାରିତ ବିବରଣ ଜଣେ ପତ୍ରପ୍ରେରକ ଅନୁଗ୍ରହ କରି ଲେଖି ପଠାଇଅଛନ୍ତି । ମାତ୍ର ଏଥିର ସାର କଥାମାନ ଏଥିପୂର୍ବେ ଯାହା ପ୍ରକାଶ କରିଅଛୁଁ ତହିଁରୁ ଅଧିକ କିଛୁ ଏଥିରେ ନାହିଁ । ସମ୍ମିଳନୀର ଏହି ଅଧିବେଶନରେ ଯେଉଁ ଛଅଗୋଟି ବିଷୟ ଅବଧାରିତ ହୋଇଥିଲା ତାହା ଭ୍ରମରୁ ପୂର୍ବେ ଲେଖି ନ ଥିବାରୁ ଏଠାରେ

Digitized by srujanika@gmail.com

Split by PDF Splitter



ପ୍ରକାଶ କଲୁ। ଯଥାଃ— ୧ମ— ଅଳ୍ପ ଦିନ ଲୋକମାନଙ୍କ ମଧ୍ୟରେ ଧର୍ମଚର୍ଚ୍ଚା କ୍ରମଶଃ ହ୍ରାସ ହେବା ହେତୁ ଦେଶର ଅଧଃପତନ ଘଟି ହେଉଥିବା ସ୍ଥଳେ ସ୍କୁଲ କଲେଜମାନଙ୍କରେ ନୀତିଧର୍ମ ଶିକ୍ଷାର ବ୍ୟବସ୍ଥା କରିବାପାଇଁ ଏ ସଭା ଗବର୍ଣ୍ଣମେଣ୍ଟଙ୍କର ଶୁଭଦୃଷ୍ଟି ଆକର୍ଷଣ କରୁ। ୨ୟ—କଟକ ଓ ଅନ୍ୟାନ୍ୟ ସ୍ଥାନରେ ଥିବା ବୈଷ୍ଣବଧର୍ମ ଗ୍ରନ୍ଥମାନ ସଂଗ୍ରହ କରି ତାହା ସ୍ଥାନରେ ଅନୁବାଦ ଓ ମୁଦ୍ରିତ ହୋଇ ଯେପରି ବହୁଳ ପ୍ରଚାରିତ ହୁଏ ତହିଁର ଚେଷ୍ଟା କରାଯାଉ। ୩ୟ—ଦେଶର ନାନା ସ୍ଥାନରେ ହରିସଭାମାନ ସ୍ଥାପିତ ହୋଇ ବୈଷ୍ଣବଧର୍ମ ତତ୍ତ୍ୱର ଓ ଚର୍ଚ୍ଚା ବୃଦ୍ଧିର ଯତ୍ନ କରାଯାଉ। ଏହି ବିଷୟମାନ ଧାର୍ଯ୍ୟ କରି ସମବେତ ସଭ୍ୟମାନେ ମହା ସମାରୋହରେ ନଗରକୀର୍ତ୍ତନ ଓ ମନୋହର କରି ଯେ ଯାହା ସ୍ଥାନକୁ ବିଦାୟ ହୋଇ ଗଲେ। ସଭାର କର୍ମ୍ମା-ରଣମାନ କିରୂପେ ତାହାହାସ କାର୍ଯ୍ୟରେ ପରି-ଣତ ହେବ ଘଟଣପ୍ରେରକଙ୍କର ବିବରଣୀରେ ସେ କଥା କିଛି ଲେଖା ନାହିଁ। ସମ୍ଭବତଃ ସେ ପ୍ରତି ତାହାଙ୍କ ଦୃଷ୍ଟି ଯାଇ ନାହିଁ। ଉଚିତ ଧର୍ମନିଷ୍ଠା ଓ ଅଟଳ ପ୍ରେମ ଦ୍ୱାରା ସମସ୍ତେ ତୃପ୍ତି ପୂର୍ବକ ଏହି କାର୍ଯ୍ୟରେ ଲାଗିଲେ। ଫଳତଃ ଉତ୍କଳର ଅନ୍ୟାନ୍ୟ ଅନେକ ସମ୍ମିଳନୀ ବା ସମିତିର ଅଧିବେଶନ ପରି ଏହି ବୈଷ୍ଣବ ଅଧିବେଶନ ଗର୍ଜ୍ଜିତ ବତୁଆ ପ୍ରାୟ ଦେଖାଇ ଆକାଶରେ ମିଶିଗଲା। ବୈଷ୍ଣବଧର୍ମ ଏକାନ୍ତ ଉଦାର ଧର୍ମ ଆତ୍ମତ୍ୟାଗ ଓ ସାଧାରଣ ମଙ୍ଗଳ ଏହାର ମୂଳ ଭିତ୍ତି। ଯେଉଁମାନେ ବିଷୟ ବାସନା ତୁଚ୍ଛ କରି ଧର୍ମସାଧନରେ ଜୀବନ ଉତ୍ସର୍ଗ କରିଅଛନ୍ତି ଓ ଆପେ ଧର୍ମରେ ଉନ୍ନତ ହେବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ ଧର୍ମଶିକ୍ଷାଦେବା ଯାହାଙ୍କର ଏକମାତ୍ର କାର୍ଯ୍ୟ ସେମାନେ ଥାଉଁ ଥାଉଁ ଲୋକମାନଙ୍କରେ ଧର୍ମଚର୍ଚ୍ଚା ଊଣା ହେବା ଆଶ୍ଚର୍ଯ୍ୟ ନୁହେ କି? ଯେପରି ବୈଷ୍ଣବମାନେ ଏକତ୍ରିତ ହୋଇ ନିଜ ଓ ଅନ୍ୟମାନଙ୍କୁ ଧର୍ମଶିକ୍ଷା ଦେବାର କୌଣସି ଉପାୟ ନ କରି ଗବର୍ଣ୍ଣମେଣ୍ଟଙ୍କୁ ତହିଁର ବ୍ୟବସ୍ଥା କରିବାପାଇଁ ପ୍ରାର୍ଥନା କରିବା ହାସ୍ୟାସ୍ପଦ କଥା ନ ବୋଲାଯିବ? ଗବର୍ଣ୍ଣମେଣ୍ଟ ଅତ୍ୟନ୍ତ ନ୍ୟାୟ ବିଚାରପୂର୍ବକ ନାନା ଧର୍ମାବଲମ୍ବୀ ଭାରତବାସିଙ୍କ ଧର୍ମସମ୍ବନ୍ଧୀୟ ବିଷୟରୁ ଅନ୍ତର ରହିଅଛନ୍ତି। ସୁତରାଂ ସେ ସ୍କୁଲରେ ଧର୍ମ ବିଶେଷର ଶିକ୍ଷା ଦେଇ ନ ପାରନ୍ତି। ଏହା ତାହାଙ୍କ ଅନ୍ୟାୟ ନାହିଁ ମାତ୍ର ଏହା ବୋଲି ସରକାର ଧର୍ମଶିକ୍ଷାରେ ଉଦାସୀନ ନ ରହି ପ୍ରତ୍ୟେକ ଧର୍ମସମ୍ପ୍ରଦାୟର ସନ୍ତାନମାନଙ୍କୁ ସ୍ୱଜାତୀୟ ଅନୁରୋଧ କରୁଅଛନ୍ତି ଓ ଯଥାସାଧ୍ୟ ସାହାଯ୍ୟ ଓ ଉତ୍ସାହଦାନରେ ତ୍ରୁଟି କରୁ ନାହାନ୍ତି ମାତ୍ର ଆମ୍ଭେମାନେ ଏପରି କର୍ତ୍ତବ୍ୟଭ୍ରଷ୍ଟ ଓ ଅକର୍ମଣ୍ୟ ହୋଇଅଛୁଁ ଯେ ନିଜେ ଆପଣାର ଶ୍ରେୟ କାର୍ଯ୍ୟରେ ଚେଷ୍ଟାମାତ୍ର ନ କରି ସକଳ ବିଷୟରେ ଏକା ସରକାରଙ୍କ ଉପରେ ନିର୍ଭର କରୁଅଛୁଁ। ଆପଣାର କର୍ତ୍ତବ୍ୟ ଯେ ନ କରିବ ଈଶ୍ୱର ତାହାର ସହାୟ ହେବେ ନାହିଁ ଏହା ସମସ୍ତେ ଓ ବିଶେଷତଃ ବୈଷ୍ଣବମାନେ ଜାଣନ୍ତି ମାତ୍ର ଗୁରୁ ବୋଲାଇ ଧର୍ମ ଶିକ୍ଷା ନ ଦେଇ କେବଳ ଉଦର ପୂରଣକୁ ସାର ମଣିଅଛନ୍ତି। ଏମାନଙ୍କୁ ଏବଂ ଯେଉଁମାନେ ଧର୍ମାର୍ଥ ଦାନ ପ୍ରଭୂତ ସମ୍ପତ୍ତିର ଅଧିକାରୀ ହୋଇ ନିଜର ଭୋଗବିଳାସରେ ତହିଁର ଅଧିକାଂଶ ବ୍ୟୟ କରି ଜନସାଧାରଣର ଐହିକ ଓ ପାରମାର୍ଥିକ ଦୁର୍ଗତି ଆଡ଼କୁ ଅନେଇ ଚାହୁଁ ନାହାନ୍ତି ସେମାନଙ୍କୁ ସୁପଥରେ ଆଣିପାରିଲେ ବୈଷ୍ଣବ ସମ୍ମିଳନୀ ଯଥାର୍ଥରେ ସାର୍ଥକ ହେବ।

—*—

## ଭାରତର ଶିଳ୍ପୋନ୍ନତି।

କଲିକତାର ଇଷ୍ଟଇଣ୍ଡିଆ ସଭାରେ ଗତ ନଭେମ୍ବର ମାସ ତା ୪ ଦିନରେ ଯୁକ୍ତପ୍ରଦେଶର ସିଭିଲିୟାନ ଶ୍ରୀଯୁକ୍ତ ଅତୁଲଚନ୍ଦ୍ର ଚାଟାର୍ଜ୍ଜି ମହାଶୟ "ଭାରତର ଶିଳ୍ପବିକାଶର ଆବଶ୍ୟକତା ଓ ଉପାୟ" ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ପାଠ କରିଥିଲେ। ସେ ସଭାରେ ବୋମ୍ବାଇର ଭୂତପୂର୍ବ ଗବର୍ଣ୍ଣର ଲର୍ଡ ଲେମିଂଟନ ମହୋଦୟ ସଭାପତିର ଆସନ ଗ୍ରହଣ କରିଥିଲେ। ଚାଟାର୍ଜ୍ଜି ମହାଶୟ ଲେଖିଥିଲେ ଯେ ଭାରତରେ ଧନାଗମର ଏକମାତ୍ର ଉପାୟ କୃଷି ମାତ୍ର ସଭ୍ୟଜାତି ସମୂହ ମଧ୍ୟରେ ଗଣ୍ୟ ହେବା ସକାଶେ ନାନାବିଧ ଶିଳ୍ପକାର୍ଯ୍ୟର ବିକାଶ କରିବା ଏକାନ୍ତ ପ୍ରୟୋଜନୀୟ। ଦେଶରେ ଯେଉଁପ୍ରକାର ଉପକରଣ ଅଛି ତଦ୍ଦ୍ୱାରା ଦେଶର ଆବଶ୍ୟକୀୟ ପଦାର୍ଥମାନ ପ୍ରସ୍ତୁତ କରିବାପ୍ରତି ଅଗ୍ରେ ମନୋଯୋଗୀ ହେବା କର୍ତ୍ତବ୍ୟ। ଲୁହାଖଣିମାନଙ୍କରୁ ଲୁହାର କାର୍ଯ୍ୟ, କପାମଞ୍ଜିରୁ ଗବାଦିର ଖାଦ୍ୟ ଏବଂ ଘିଅ, ହିମାଳୟର ତଳଦେଶର ଘାସରୁ କାଗଜ ଏବଂ ଚମଡ଼ାରୁ ଯୋତା ଓ ବୁଟ୍ ପ୍ରସ୍ତୁତ କରାଯାଇ ପାରେ ଏବଂ ରଙ୍ଗ ମଧ୍ୟ ପ୍ରସ୍ତୁତ ହେବାର ନାନାପ୍ରକାର ଉପକରଣ ଅଛି। ସେ କହିଲେ ପ୍ରତ୍ୟେକ ପ୍ରଦେଶରେ ଶିଳ୍ପଶାଳାମାନ ସ୍ଥାପିତ ହେବା ପ୍ରୟୋଜନୀୟ ଏବଂ ଯେଉଁ ଅଧୁନାତନ ଉନ୍ନତ ପ୍ରଣାଳୀରେ ଅନ୍ୟ ଦେଶମାନଙ୍କରେ କାରଖାନା ମାନ ଅଛି ତାହା ଏ ଦେଶରେ ପ୍ରଚଳିତ ହେବା ଉଚିତ। ତାହା କରିବାକୁ ଭାରତରେ ସୂକ୍ଷ୍ମ ଯନ୍ତ୍ର ଇତ୍ୟାଦି ପ୍ରସ୍ତୁତ ହେଉଥିବାସ୍ଥଳେ କାହାର ଚଳ ଆଦ ଏ ଦେଶର ଶ୍ରମ ନଷ୍ଟ କରୁଅଛି। କାରଖାନାମାନ ସ୍ଥାପିତ ହେବା ସଙ୍ଗେ ସଙ୍ଗେ ଶିଳ୍ପ ଶିକ୍ଷାଦେବାପାଇଁ ସ୍କୁଲ ଓ କଲେଜ ସ୍ଥାପିତ ହେବା ପ୍ରୟୋଜନୀୟ। ପ୍ରବନ୍ଧକାର ଶେଷରେ ପ୍ରକାଶ କଲେ ଯେ ଗବର୍ଣ୍ଣମେଣ୍ଟ ଦେଶର ଶିଳ୍ପୋନ୍ନତି ଉଦ୍ଦେଶ୍ୟରେ ଶିଳ୍ପର ଅନୁଷ୍ଠାନ-ପୂର୍ବକ ଲୋକଙ୍କୁ ଦେଖାଇବା ବାଞ୍ଛନୀୟ। ଏହିରୂପେ ପ୍ରବନ୍ଧପାଠ ଶେଷ ହେଲାରୁ ସଭାପତି ମହାଶୟ ବ୍ୟକ୍ତ କଲେ ଯେ ଭାରତର ଗୌରବ ଅନନ୍ତର ଭିତ୍ତି ଉପରେ ସ୍ଥାପିତ ହୋଇ ଏବଂ କୃଷିକାର୍ଯ୍ୟ ଦୃଢ଼ରୂପେ ଦେଶରେ ଚଳୁଥିବାସ୍ଥଳେ ସେ ଗୌରବ ସୁସ୍ଥିର ଅଛି। ତଥାପି ଦେଶୀୟଲୋକେ ଅଧିକତର ସୁଖରେ ବାସ କରିବାପାଇଁ ଇଚ୍ଛୁକ ହୋଇଥିବାରୁ ଅତ୍ୟଧିକ ଶ୍ରମ ଶିଳ୍ପଦ୍ୱାରା ଧନାଗମର ଉପାୟ ଉଦ୍ଭାବନ ହେବା ଉଚିତ। ଏ ଉଦ୍ଦେଶ୍ୟ ସାଧନ କରିବାକୁ ହେଲେ ଶିଳ୍ପୋନ୍ନତିରେ ମନୋଯୋଗୀ ହେବା ଲୋକଙ୍କ ସଂଖ୍ୟା ବଢ଼ାଇବା ବାଞ୍ଛନୀୟ। ଏହିକି ଅଧିକ ଲୋକ ନ ହେଲେ କାରଖାନା ସ୍ଥାପନ କରିବା ବିଡ଼ମ୍ବନାମାତ୍ର। ୟୁରୋପୀୟ-ଦେଶାପେକ୍ଷା ଭାରତର ଶିକ୍ଷା ଅନୁନ୍ନତ ମାତ୍ର ତାହା ବୋଲି ଶିଳ୍ପକର ଅସମ୍ପୂର୍ଣ୍ଣ ଶିକ୍ଷାଦେବା ବାଞ୍ଛନୀୟ ନୁହେଁ କାରଣ ଅସମ୍ପୂର୍ଣ୍ଣ ଶିକ୍ଷାପ୍ରାପ୍ତ ଛାତ୍ରମାନେ କାର୍ଯ୍ୟ ନ ପାରିବାହେତୁ ସମ୍ପ୍ରଦାୟ ଚେଷ୍ଟା ବିଫଳ ହେବ। ସେ ବୋମ୍ବାଇର ଗବର୍ଣ୍ଣର ସ୍ୱରୂପ ଯେ ବହୁଦର୍ଶିତା ଲାଭ କରିଅଛନ୍ତି ତହିଁରୁ ଏ ଦେଶର ଶିକ୍ଷା ଅସମ୍ପୂର୍ଣ୍ଣ ବୋଲି ସେ ଜାଣନ୍ତି। ପରନ୍ତୁ ଗବର୍ଣ୍ଣମେଣ୍ଟ ଶିଳ୍ପ ହାତରେ ନେବା ସମୁଚିତ ନୁହେ। ମାନ୍ଦ୍ରାଜର ଗବର୍ଣ୍ଣର ଶିଳ୍ପସମ୍ବନ୍ଧରେ ଜଣେ ଡାଇରେକ୍ଟର ନିଯୁକ୍ତ କରିଅଛନ୍ତି ମାତ୍ର ସେ ଥିଲେ ତାହା କରି ନ ଥାନ୍ତେ। ସରକାରୀ କର୍ମ୍ମଚାରୀମାନେ ଏତଦ୍ୱିଷୟରେ ଯେତେଅଳ୍ପ ହସ୍ତକ୍ଷେପଣ କରନ୍ତି ସେତେ ଭଲ। ସରକାର ଶିଳ୍ପ ହାତରେ ନେଲେ ଲୋକଙ୍କର ଶିଳ୍ପୋଦ୍ୟମ ନଷ୍ଟ ହେବ। ଶିଳ୍ପକର ଅନୁଷ୍ଠାନ ସକାଶେ ଯଥେଷ୍ଟ ଅର୍ଥ ମିଳି ପାରିବ କାରଣ ଦେଶରେ ଅନେକ ଅର୍ଥ କୌଣସି କାର୍ଯ୍ୟରେ ନ ଲାଗି ପଡ଼ିରହିଅଛି। ଲୋକେ ଲାଭଜନକ ଶିଳ୍ପକାର୍ଯ୍ୟରେ ଲଗାଇଲେ ଧନ ସ୍ୱଚ୍ଛନ୍ଦରେ ପାଇ ପାରିବେ।—ବୋମ୍ବାଇର ଭୂତପୂର୍ବ ଗବର୍ଣ୍ଣରଙ୍କ ଉକ୍ତି ଆମ୍ଭମାନଙ୍କ ମନକୁ ପାଉଅଛି। ଏହି ବିଷୟରେ ସରକାରଙ୍କୁ ଅନାଇ ବସିବା ଉଚିତ ନୁହେ। ଏଣିକି ଆମ୍ଭେମାନେ ସ୍ୱୟଂ ଚେଷ୍ଟିତ ହୋଇ ନାନାବିଧ ଶିଳ୍ପକାର୍ଯ୍ୟରେ ବ୍ରତୀ ନ ହେଲେ ଦେଶର କଦାପି ଉନ୍ନତି ହେବ ନାହିଁ। ତେବେ ଏତିକି ବାଞ୍ଛନୀୟ ଯେ ଲୋକେ ଶିଳ୍ପକାର୍ଯ୍ୟରେ

Digitized by srujanika@gmail.com

ସଙ୍ଗରେ ଗବର୍ଣ୍ଣମେଣ୍ଟ ତହିଁର ଉନ୍ନତିର ବାଟ ମୁକ୍ତ ରଖିବାପ୍ରତି ଦୃଷ୍ଟି ରଖିଥିବେ ।

———

### ସରକାରଙ୍କ ଓଡ଼ିଆ ବାତ୍ସଲ୍ୟ ।

ଓଡ଼ିଶାରେ ସର୍ଭେ ଓ ଇଞ୍ଜିନିୟରିଂ ଶିକ୍ଷାର ଅଭାବ ଦୂରଣ ସକାଶେ ଓଡ଼ିଶାବାସୀମାନେ ପୁନଃ ପୁନଃ ପ୍ରାର୍ଥନା କରନ୍ତେ ଗବର୍ଣ୍ଣମେଣ୍ଟ ସେ ପ୍ରାର୍ଥନାମାନ ଉଚିତ ବିବେଚନା କଲେହେଁ ଅର୍ଥାଭାବରେ ଏଠାର ଏତନ୍ମାତ୍ର କଲେଜରେ ସର୍ଭେ ଶ୍ରେଣୀ ଖୋଲାଇବାକୁ ଅସମର୍ଥ ହୋଇ ଗତବର୍ଷ ସେ ୬ ଟି ବୃତ୍ତି ମଞ୍ଜୁର କରି କେବଳ ଓଡ଼ିଆମାନଙ୍କୁ ତାହା ଦେବାର ହୁକୁମ ଜାରି କଲେ । ଏଥିର ପ୍ରତିବାଦ ହେବାରେ ଗବର୍ଣ୍ଣମେଣ୍ଟ ସେହି ୬ ଟା ବୃତ୍ତି ମଧ୍ୟରୁ ଦୁଇଟା ଖାସ ଓଡ଼ିଆଙ୍କ ସକାଶେ ଏବଂ ଅବଶିଷ୍ଟ ଚାରିଟା ଓଡ଼ିଆ ଓ ଅଣ-ଓଡ଼ିଆ ମଧ୍ୟରେ ଏପରି ପ୍ରତିଯୋଗିତା ପରୀକ୍ଷାରେ ଦିଆଯିବାର ଆଦେଶ ଦେଲେ ଯେ ତହିଁରେ ଖାସ ଓଡ଼ିଆ ଛଡ଼ା ଅନ୍ୟର ବୃତ୍ତି ପାଇବା କଠିନ ହୋଇଅଛି । ଏ ବର୍ଷ ଶିବପୁର ଇଞ୍ଜିନିୟରିଂ କଲେଜରେ ପଢ଼ିବା ସକାଶେ ଗବର୍ଣ୍ଣମେଣ୍ଟ ୬ ଟା ବୃତ୍ତି ମଞ୍ଜୁର କରି କେବଳ ଓଡ଼ିଆମାନେ ତାହା ପାଇବାର ଆଦେଶ ଦେଇଅଛନ୍ତି । ଅଣ-ଓଡ଼ିଆ ବୋଲି ଯଦି ବୃତ୍ତି ଦେଲେ ଯେ ଗୋଟାଏ ଶ୍ରେଣୀ କରଦେଲେ ଇଞ୍ଜିନିୟରିଂ ବୃତ୍ତି ଦେଲେ ତାହା ଯୁକ୍ତ ହୁଏ ନାହିଁ । ଯେବେ ଓଡ଼ିଶାର ସକଳ ସ୍ଥାୟୀ ଅଧିବାସୀ ସରକାରୀ ଭାଷାରେ ଓଡ଼ିଆ ଜାତି ବୋଲି ଗଣ୍ୟ ହୁଅନ୍ତି ଓ ତାହାହିଁ ଉଚିତ ଅର୍ଥ କାରଣ ଯେଉଁମାନେ ଅନ୍ୟତ୍ର ଭାର ସ୍ଥାନରୁ ଆସି ପୁରୁଷାନୁକ୍ରମେ ଓଡ଼ିଶାରେ ବାସ କରୁଅଛନ୍ତି ଏବଂ ଅନ୍ୟତ୍ର ସେମାନଙ୍କର ବାସ ସ୍ଥାନ ନାହିଁ ସେମାନଙ୍କୁ ଓଡ଼ିଆ କହା ଅନ୍ୟ କ ବୋଲିଯିବ ? ତାହାହେଲେ ବହୁ ଆପତ୍ତି ନାହିଁ । ମାତ୍ର ସରକାର ପ୍ରଥମ ସ୍ଥଳେ ଅଣଓଡ଼ିଆ ବୋଲି ଗୋଟାଏ ଶ୍ରେଣୀର ଉଲ୍ଲେଖ କରିବା ଏବଂ ଅନ୍ୟ ସ୍ଥଳେ ଓଡ଼ିଆ ଜାତି ଛଡ଼ା ଅନ୍ୟ କେହି ବୃତ୍ତି ପାଇବାର ଯୋଗ୍ୟ ନୁହେ ବୋଲି ଲେଖିବାଦ୍ୱାରା ଏହା ସ୍ପଷ୍ଟ ଓଡ଼ିଆଙ୍କୁ ବୃତ୍ତି ଦେବା ସରକାରଙ୍କର ଅଭିପ୍ରାୟ । ପୁନଶ୍ଚ ବଙ୍ଗ, ବିହାର, ଯୁକ୍ତପ୍ରଦେଶ, ମଧ୍ୟପ୍ରଦେଶ, ବମ୍ବେଇ ଓ ମାନ୍ଦ୍ରାଜ ଇତ୍ୟାଦିରୁ ଯେଉଁମାନେ ଆସି ପୁରୁଷାନୁକ୍ରମେ ସ୍ଥାୟୀରୂପେ ଓଡ଼ିଶାରେ ବାସ କରୁଅଛନ୍ତି ସେମାନଙ୍କ ଏ ବୃତ୍ତିରେ ଅଧିକାର ନାହିଁ । ଓଡ଼ିଶାରେ ସର୍ଭେ ବା ଇଞ୍ଜିନିୟରିଂ ଶିକ୍ଷାର ବ୍ୟବସ୍ଥା ହୋଇଥିଲେ ଏ କଥା ଉଠନ୍ତା ନାହିଁ ଓ ବୃତ୍ତିର ସଂଖ୍ୟା ଓ ତହିଁର ପ୍ରାର୍ଥୀ ବର୍ତ୍ତମାନ ଏତେ ଅଳ୍ପ ଯେ ତୁଳନାର ଯୋଗ୍ୟ ନୁହେ କେବଳ ସାମାନ୍ୟ କଥାରେ ସରକାର ଓଡ଼ିଶାବାସିଙ୍କ ମଧ୍ୟରେ ଗୋଟାଏ ଭେଦାଭେଦ ଜନ୍ମାଇ ଓଡ଼ିଆ ବାତ୍ସଲ୍ୟ ଯାହା ଦେଖାଇଅଛନ୍ତି ତାହାହିଁ ବୃଥା ମନୋମାଳିନ୍ୟ । ପୁନଶ୍ଚ ଦୁଃଖର କାରଣ ହୋଇଅଛି । ସରକାରୀ ଅଧିକାର କାଗଜରେ ଜାତି କଥା ନ ରହି କେବଳ ଗୁଣ ଆଦର କରିବାର ନ୍ୟାୟସଙ୍ଗତ ନୀତି ପୁନଃ ପୁନଃ ଘୋଷଣା କରିଅଛନ୍ତି । ମାତ୍ର ଓଡ଼ିଶାରେ ସରକାରୀ ଚାକିରିଠାରୁ ଛାତ୍ରବୃତ୍ତି ପର୍ଯ୍ୟନ୍ତ ସକଳ ବିଷୟରେ ଜାତି ବିଚାର ଏବେ ବାହାରିଅଛି । ଗବର୍ଣ୍ଣମେଣ୍ଟ ଯେଉଁ ସବୁ କର୍ମଚାରୀ ବା ବ୍ୟକ୍ତି ବିଶେଷର ପରାମର୍ଶରେ ଏ ନୀତି ଘେନି ବସି ଅଛନ୍ତି କହି ନ ପାରୁଁ । ମାତ୍ର ଏ ନୀତିର ନ୍ୟାୟସଙ୍ଗତ ଏବଂ କେଉଁ ଓଡ଼ିଆ ଜବାବ ଦେବ ? ସମସ୍ତେ ଜାଣନ୍ତି ଯେ ଓଡ଼ିଆ ବୋଲି ଗୋଟିଏ ଜାତି ଅଛି । ଯେବେ ଏହି ଜାତିର ଲୋକ ଓ ସେମାନଙ୍କ ସଙ୍ଗେ ସମ୍ବନ୍ଧ ରଖିବା ସମସ୍ତଙ୍କୁ ଓଡ଼ିଆ ଜାତି ବୋଲାଯିବ ତେବେ ଓଡ଼ିଶାର ଅଧିକାଂଶ ଲୋକ ଓଡ଼ିଆ ଜାତିର ବହିର୍ଭୂତ ହେବେ । ପୁଣି ଆର୍ଯ୍ୟ ଅନାର୍ଯ୍ୟର ବିଚାର କଲେ କେବଳ ଅନାର୍ଯ୍ୟଙ୍କୁ ଓଡ଼ିଆ କୁହାଯିବ କାରଣ ସେହିମାନେ ଓଡ଼ିଶାର ଆଦି ନିବାସୀ ଅଟନ୍ତି । ଫଳତଃ ଯେତେବେଳେ ଓଡ଼ିଆ ପଦ ସରକାରଙ୍କ ଏତେ ଆଦୃତ ହୋଇଅଛି ସେତେବେଳେ ତହିଁର ଗୋଟିଏ ସଂଜ୍ଞା କରଦେବା ଉଚିତ ଯାହା ନ୍ୟାୟସଙ୍ଗତ ହେବ ଓ ସମସ୍ତଙ୍କର ମତ ମାନିବ । ପ୍ରକୃତରେ ଯେଉଁମାନେ ପୁରୁଷାନୁକ୍ରମେ ଓଡ଼ିଶାରେ ଜନ୍ମ ହୋଇ ବାସ କରୁଅଛନ୍ତି । ଫଳରେ ସେମାନେ ଉତ୍କଳମାତାର ସନ୍ତାନ । ସେମାନଙ୍କୁ ଓଡ଼ିଆ ଛଡ଼ା ଆଉ କ ବୋଲିଯିବ ? ପୁଣି ଉତ୍କଳ ଜନନୀ ବା ଉତ୍କଳ ଛଡ଼ା ଯେଉଁ ସେମାନଙ୍କ ଅନ୍ତର ବଦଳେଇବାକୁ ଏବେ ଇଚ୍ଛା କଲେ ସେମାନେ କେଉଁଆଡ଼େ ଯିବେ । ପୂର୍ବକାଳରେ ରାଜା ସେମାନଙ୍କୁ ଅନ୍ୟ ରାଜ୍ୟରୁ ଆଣି ଓଡ଼ିଶାରେ ବସତି କରାଇବା ଦ୍ୱାରା ଉତ୍କଳର ପୂର୍ବଗୌରବ ବର୍ଦ୍ଧନ କରିଥିଲେ । ସେମାନେ ଉତ୍କଳର ଜନ୍ମିତ ପୁତ୍ର ନ ହେଲେ ଅନ୍ତତଃ ପୋଷ୍ୟ ପୁତ୍ର ଓ ସମ୍ପର୍କରେ ଓଡ଼ିଆର ଭାଇ । ପୋଷ୍ୟ ପୁତ୍ରର ମଧ୍ୟ ଦାୟ ଭାଗ ଅଛି । ତହିଁରୁ ବଞ୍ଚିତ କରିବାର ଚେଷ୍ଟା କଳହ ଲଗାଇବା ଛଡ଼ା ଅନ୍ୟ କିଛି ନୁହେ । ଘର ଭାଇ କଳହରେ ଓଡ଼ିଶାର କେତେ ବଡ଼ ବଡ଼ ଘର ନଷ୍ଟ ହୋଇଅଛି, ସମସ୍ତେ ପ୍ରତ୍ୟକ୍ଷ ଦେଖି ତହିଁର ପ୍ରତିଷେଧ ହେବା କ ଉଚିତ । ସ୍କଲର୍ସିପ ବା ବୃତ୍ତିର ବାସ୍ତୁ ସାଧାରଣ ସଂଜ୍ଞାରୁ ବଞ୍ଚିବ କିପରି । କେବଳ ଏହା ସରକାରଙ୍କ ଦୃଷ୍ଟିରେ ଓଡ଼ିଆମାନେ ଦେଉଅଛନ୍ତି ଅନ୍ୟ କେହି ହେବେ ନାହାନ୍ତି ? ଗର୍ବିତ ହେବେ ସମସ୍ତେ । ମାତ୍ର କ୍ୟାମ୍ପ ବେଲ ଏଶ୍ରେଣୀ ପାଠରେ ଏ କେମନ୍ତ ଦସ୍ତୁର ? ଅତଏବ ଯେତେ ଶୀଘ୍ର ଦେଶ ସରକାରଙ୍କର ଓଡ଼ିଆ ବାତ୍ସଲ୍ୟ ନ୍ୟାୟ ବହିର୍ଭୂତ ଓ ତହିଁର ପ୍ରତିବାଦ ହେବା ଉଚିତ ।

———

### ଗୋରୁର ଖାଦ୍ୟ ।

( ଏକ ଦେଶୀ ଗେଜେଟରୁ ଉଦ୍ଧୃତ )

ଗାଈ ବାଛୁରି ଅବସ୍ଥାରେ ଭଲ ଖାଇବାକୁ ନ ପାଇ ଅନ୍ତ ବୟସରେ ଭଲ ଖାଇଲେ ପ୍ରାପ୍ୟ ଅଧିକ ଦୁଧ ଦିଏ ନାହିଁ । ମାତ୍ର ଭଲ ଗଉ ଖାଇଲେ ଦ୍ୱିତୀୟ ବିଆଣରେ ନୌଣସି ୨ ଗାଈ ବେଶୀ ଦୁଧ ଦେଉଥାଏ । ଗାଈକୁ ଭଲ ଭଲ ଖୁଆଇଲେ ଦୁଧ ବେଶୀ ପରିମାଣରେ ମିଳି ପାରେ ଏହା ସମସ୍ତେ ଜାଣନ୍ତି ତଥାପି ଅନେକେ ସେମାନଙ୍କୁ ପେଟପୂରା ଖାଇବାକୁ ଦିଅନ୍ତି । କଣ ଖୁଆଇଲେ ଦୁଧ ବେଶୀ ହୁଏ ତାହା ଅଧିକାଂଶ ଲୋକ ଜାଣନ୍ତି ନାହିଁ । ବେଶୀ ଦୁଧ ପାଇବା ଆଶାରେ ଅନେକେ ସେମାନଙ୍କୁ ଗ୍ରାହ୍ୟ ଇତ୍ୟାଦି ଅଧିକ ପୁଷ୍ଟିକର ଦ୍ରବ୍ୟ ଖୁଆନ୍ତି ମାତ୍ର ଏଥିରେ ଯେ ବେଶୀ ଦୁଧ ମିଳେ ନାହିଁ ବୋଲିବା ବାହୁଲ୍ୟ । ଦୁଗ୍ଧ ବୃଦ୍ଧିକାରକ ଦ୍ରବ୍ୟ ମାନଙ୍କର ତାଲିକା ନିମ୍ନେ ପ୍ରଦତ୍ତ ହେଲା । ଯଥା କଞ୍ଚାଘାସ ଶସ୍ୟ ତୃଣାଦି, ଗହମ ଓ ଗ୍ରାହ ଚିଟା, ସିମ୍ବ ମଞ୍ଜିପିଡ଼ା, ସୋରିଷ ପିଡ଼ା, ଶସ୍ୟ ଓ ସୋରିଷ ପିଡ଼ିଆ, ତୂଳ, ମଞ୍ଜି, ଲାଉ ଚିଟା, ଜଟାଦେଉଅ ଚିଟା, ଗୋଳ, ଦେଗଡ଼ି, ଗହମଚୂନା, ଗୁଡ଼, ଅଖଡ଼େର, ବାଉଁଶପତ୍ର ଚିଟା, ଗହମଟିଆ ପାଣି, ଲୁଣ ଇତ୍ୟାଦି ।

ପ୍ରସବ ପରେ ଅଧସେର ଚିନା ଗୁଡ଼, ଅଧସେର ଗହମ ମଣ୍ଡ, ପାଁଏଗୁଣ୍ଡ଼, ଏକତୋଲା ପିପ୍ପଳ ଚୂର୍ଣ୍ଣ ଓ ଏକଛଟାଙ୍କି ଅଦା ଏକତ୍ର ମିଶାଇ ପ୍ରତିଦିନ ସନ୍ଧ୍ୟା ସମୟରେ କିଛି ଦିନ ଖୁଆଇଲେ ଜମା ଅଧସେର ଚାଞ୍ଜି ସହିତ ଅଳ୍ପ ନଡ଼ା ଓ ଅଖଡ଼େରର ଚୂର୍ଣ୍ଣ ଏକ ଛଟାଙ୍କି ମିଶାଇ ଖୁଆଇଲେ ଜମା ବାଉଁଶପତ୍ର ପାଣିରେ ସିଝାଇ ଯୁଥଣି ଓ ଗୁଡ଼ ମିଶାଇ ଖୁଆଇଲେ ଜମା ଗବ-ପଞ୍ଚର କଥିଲ ଗଛ ଦୁଇ ଶେରଟା ପାଣିରେ ସିଝାଇ ସେହି ପାଣି ଖୁଆଇଲେ ଗୋରୁର ଦୁଧ ବେଶୀ ହୁଏ । କଥିଲ ଗଛ ପତ୍ର ଦୁଇ ଶେରଟା ସିଝାଇ ପଗା ଉପରେ ରଖି ଲୁଗା ଦେଇ ବାନ୍ଧି ଦେଲେ ଓ କିଛି କ୍ଷଣ ପରେ ତାହା ଚିପି ପକାଇ ଦୁହିଁଲେ ବେଶୀ ଦୁଧ ମିଳେ । ପ୍ରସବର

ଦଳ ସହିତ ଲାଉ

Split by PDF Splitter
Digitized by srujanika@gmail.com

ସିଝାଇ ଓ ଶେଷାଇ ଭଲରୂପେ ଖୁଆଇଲେ ଗାଇ ବେଶୀ ଦୁଧ ଦିଏ । ଗାଇ ଦୁହିଁବା ପୂର୍ବରୁ ପିଡିଆ, ଚକ୍, ଘାସ, ତେଲ ଓ ଲୁଣ ଖୁଆଇଲେ ବେଶୀ ଦୁଧ ମିଳେ । ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଓ ଏକଜଣ ଲୋକଦ୍ୱାରା ଗାଇ ଦୋହାଇବା ଉଚିତ । ଦୁହିଁବା ସମୟରେ ଗୋଡ଼ ନ ବାନ୍ଧିଲେ ବେଶୀ ଦୁଧ ମିଳି ପାରେ ।

———

## ବିଜ୍ଞାପନ ।

ମୟୂରଭଞ୍ଜ ଷ୍ଟେଟ ଅନ୍ତର୍ଗତ ପାଞ୍ଚପୀଢ ସବ ଡିଭିଜନ ସେଟଲ ମେଣ୍ଟ କାର୍ଯ୍ୟ ନିମନ୍ତେ ୫୦ ଜଣ ଦେହେଷ୍ଟ୍ରାଲ ଓ ଖାନାପୁରୀ ଅମିନ ପ୍ରୟୋଜନ । ଅମିନ ମାନେ ନିମ୍ନଲିଖିତ ମତେ ଠିକା ନେଇ ପାରିବେ । ସେମାନେ ନିଜ ୨ ଚେନମେନ ପାଇଲେ ସଙ୍ଗରେ ନେଇଆସିବେ ଚେନମେନମାନଙ୍କୁ ମାସିକ ୮ ୫ ୧ଙ୍କା ହିସାବେ ବେତନ ଷ୍ଟେଟରୁ ଦିଆଯିବ । କାର୍ଯ୍ୟ ପ୍ରାର୍ଥିମାନେ ସୁପ୍ରଶଂସାପତ୍ରାଦି ଅଚିରେ ସଦର ଅଫିସ ମୟୂରଭଞ୍ଜରେ ଉପସ୍ଥିତ ହେଲେ କାର୍ଯ୍ୟ ପାଇ ପାରିବେ । ଇତି ।

ରେଟ

ଦେହେଷ୍ଟ୍ରାଲକାର୍ଯ୍ୟ ପ୍ରତି ଏ ୧୦୦-୦୦ ରୁ ୮ ୩୪ ଖାନାପୁରୀ କାର୍ଯ୍ୟ ପ୍ରତି ଯ୍ଗ ୧୦୦୮ ରୁ ୪ ।

ବାରିପଦା } A. C. Chatterjee
୨୨।୧।୧୦ } ସେଟଲ ମେଣ୍ଟଅଫିସର ପାଞ୍ଚପୀଢ଼ ମଃ ଭଞ୍ଜ ଷ୍ଟେଟ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ପୂର୍ବର ଡେପୁଟି ମାଃ ଓ ଡେପୁଟି କଲେକ୍ଟର ବାବୁ ଚଣ୍ଡୀ- ଚରଣ ଘୋଷ ୧ ନ ୧୯୧୦ ଜାନୁୟାରୀ ତା ୩ ରିଖରୁ ମାସେ ଛୁଟି ପାଇଲେ ।

୪ଟକର ଡାକ୍ତର ଲେଲ ରେଭରେଣ୍ଡ ବି, ଏଚ, ଡି, ଭଲଟନ୍ଙ୍କ ଏକ ବର୍ଷ ଛୁଟି ପାଇଲେ ।

ପ୍ରେସିଡେନ୍ସି, ବର୍ଦ୍ଧମାନ ଓ ଓଡ଼ିଶା ବିଭାଗର ମୁସଲମାନ ସବ ରେଜିଷ୍ଟ୍ରାର ଜାଭିର ଅବଦୁଲ-ଅଲମାମନ ଖାନ୍ ଓ ମିଃ ଗୋଲାମ ହୁସେନ ବାଡିମ ଅଦଳ ବଦଳ ହୋଇ କ୍ରମେ ଜଗତସିଂହପୁର ଓ ଯାଜପୁରର ମୁସଲମାନ ସବ ରେଜିଷ୍ଟ୍ରାର ମୌଲବି ବୈୟଦ ମହମ୍ମଦ ଫସିଉଦ୍ଦିନ ଓ ମିଃ ସୈୟଦ ଓଜିଷ୍ଠ ଅହମଦ କୌଶଲ୍ୟ ବାବଶାଦେ ସତର ସଦଶ୍ୟ ନିଯୁକ୍ତ ହୋଇଅଛନ୍ତି ।

ବାଲେଶ୍ୱରର ସବ ଡେପୁଟି କଲେକ୍ଟର ବାବୁ ମୋହନ ମୋହନ ସେନାପତି ସର୍ବ, କେନ୍ଦୁଝର, ମାନଭୂମ ଓ ହଜାରିବାଗ ସଦ ସାଃ ସେଟଲମେଣ୍ଟ ଅଫିସର ନିଯୁକ୍ତ ହେଲେ ।

ଗତ ତା ୨୨ଶେ ଡିସେମ୍ବର ଶେଷହେବା ସପ୍ତାହରେ ମଫସଲର ଚାଉଳ ଦର କଟକରେ ସେ ୧୭, ବାଲେଶ୍ୱରରେ ସେ ୧୭, ସମ୍ବଲପୁରରେ ସେ ୨୦, ପୁରୀରେ ସେ ୧୭ ଓ ସମ୍ବଲପୁରରେ ସେ ୧୯ ଥିଲା ।

———

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଗତ ବେଳାର ସାମାନ୍ୟ ମେଘ ବାହାର ନିଷ୍ପ ପାଣିରେ ଶେଷ ହେଲା । ତହିଁ ଉତ୍ତାରୁ ପବନ ଚାଲି ଓ ଶୀତ ବୃଦ୍ଧି ହୋଇଅଛି ।

ବଡ଼ବନ ନଦୀରେ ବନ୍ଦରେ ଏ ନଗରର ଜଳପଥ ବନ୍ଦ ଶୁଣାଯାଉଛି ।

ଗତ ମଙ୍ଗଳବାର ଦିନ କଟକ ଆନା ଉଭୟା ମଧୁବନ ଜମିଦାର ମଧୁସୂଦନ ପଣ୍ଡା ଓ ସେଠାକାର ଗିର୍ଦ୍ଧାରୀ ସାମଲ ଦୁଇତି ପାଣ ମଧ୍ୟରେ ସେଠା ଜମିରୁ ବୋଲଥ ଫସଲ ଧାନ ନେବା କଳହ ଓ ଲଠି ବାଡ଼ି ମାରପିଟ ହେଉ ଜଣେ ପାଣର ବିଶେଷ ଆଘାତ ହୋଇଅଛି । ପୁଲିଶ ତଦନ୍ତ ଲାଗିଅଛି ।

ଓଉସନ ମଦରସା ସ୍କୁଲର ସମ୍ପାଦକ ଲେଖିଅଛନ୍ତି କି ମୌଳେ ସଦ୍ଭୂତ ସୁଲୁଣାଦିକାର ନିକଟ ସେହି ମଦରସାରେ ଗୋଟିଏ ଘାଟ ପୋଷ୍ଟଅଫିସ କରିବା ସକାଶେ ଗ୍ରାମବାସିମାନେ ଅନେକ ଦିନ ହେଲା ଆବେଦନ କରୁଅଛନ୍ତି । ମାତ୍ର ଅଦ୍ୟାବଧି ତହିଁ ପ୍ରତି ଦୃଷ୍ଟି ନାହିଁ । ଭରସା କରୁ ଡାକବିଭାଗ ଲୋକଙ୍କର ଏହା ଶୀଘ୍ର ପୂର୍ଣ୍ଣ କରିବେ ।

ବାଲିଆ ଭାଙ୍ଗର ପୋଷ୍ଟମାଷ୍ଟର ଶେଷ ଓଭିସ୍ଥିତ ସକଳ ଦିନ ହେଲା ସେଠାରୁ ବଦଳି ହୋଇ ଅବିଶ୍ରାନ୍ତ କାର୍ଯ୍ୟ କରୁଥିଲେ । ତାହାଙ୍କ ବଦଳରେ ସେ ସ୍ଥଳର ଲୋକେ ଦୁଃଖିତ ହୋଇ ବଦଳ ରହିତ ହେବାର ଆଶା କରନ୍ତି ବୋଲି ଗ୍ରାମବାସୀ ଏକଜଣ ଲେଖିଅଛନ୍ତି ।

ସଲତ୍ରଗଡ଼ା ନଅରେ ମୌଜାର ଏକ ବ୍ୟକ୍ତି ଲେଖି- ଅଛନ୍ତି କି ସେଠାରେ ଯୋଗାଯୋଗ ଗଡ଼ରେ ଏକ ରୂଢ଼ିର ... ହେଲା ଭଳି ... ଓ ଘରଦ୍ୱାର ଓ ଲେଭ ତା ୧୪ ଦଶରେ ଏକ ଚତୁରେ ନଗନ ସାମଲର ପୁତ୍ର ନିଯୁକ୍ତ ହୋଇଥିବାର ଜଣେ ଅଭିଯୋଗ ଲେଖିଅଛନ୍ତି । ସେଠା ଜମିଦାର ମୁନସି ମହରଳାନଙ୍କର ପୁତ୍ର କାଳି ପଦ ପ୍ରାପ୍ତ ହୋଇ ତାହାର ମାଦକ ଦେଖାଇ ଅଛନ୍ତି । ଯୋଗ୍ୟତା ନାହିଁ ମାତ୍ରବାଦ ସତ୍ୟ କହୁଅଛି ।

## ଅନୁଗୋଳ ସମ୍ବାଦ ।

ଅନୁଗୋଳ ପାଇକର ଚାଗଲାନ୍ତର୍ଗତ ପୁରୁଣାକୋଟ ମୌଜାରେ ରୁଦ୍ରା ପାନୁଭଣାଙ୍କ ମାର୍ଗଶିର ମାସ ଶେଷ ଗୁରୁବାର ଦିନ ପାଣ୍ଡାରେ ପ୍ରାୟ ୨୦୦୦ ଜଣ ଯାତ୍ରୀ ହୁଅନ୍ତି ଓ ଦୋକାନ- ମାନଙ୍କର ପ୍ରାୟ ଟ ୧୦୦୦ ଙ୍କାର କାରବାର ହୁଏ । ତାହା ନିକଟ ସ୍ଥାନ ନିକଟରେ ଗୋଟିଏ ପୁଷ୍କରିଣୀରେ ଜଳ ଥିବାରୁ ଲୋକମାନେ ନୋଇଲ ପଡ଼ି ଶେଷ ବାଧା ଜନ୍ମୁଅଛି ପୀଠ ସ୍ଥାନ ଏକ ପୁଷ୍କରିଣୀ ବିଷୟରେ ଯଦି ହୁଏ ଭାଲ ମନ କରି ଶ୍ରୀଯୁକ୍ତ ବାବୁ ଶ୍ୟାମସୁନ୍ଦର ନନ୍ଦ ମହୋଦୟ ନିଜେ ଯାଇ ସ୍ଥାନମାନ ଦର୍ଶନ କରନ୍ତି ଓ ପୀଠ ସ୍ଥାନ ଉପରେ ପ୍ରତି ଦେଖା କରିଲେ ଅନେକ ଲୋକର ଉପକାର ହେବ ଏବଂ ତାହାଙ୍କର ଗୋଟିଏ ସ୍ଥାୟୀ କୀର୍ତ୍ତି ରହିଯିବ ।

ଅନୁଗୋଳରେ ପ ଟଙ୍କାରୁ ୨ଟଙ୍କା ସେ ୭ ର ମୁଗର ମିଳୁଅଛି ।

ଅନୁଗୋଳ ତଟର ଦ୍ରଗଲାନ୍ତର୍ଗତ ମଧ୍ୟରୁ ଏକଜଣ ନୂତନ ପ୍ରେସିଡେଣ୍ଟ ଅର୍ଥ ହ ବେହେରା ହୁଯାନ ପାଣ ଓ ଚୌକିଦାର ମାନଙ୍କୁ ଗୋଟିଏ ପ୍ରଧାନ ଅନୁରୋଗ ଦେଇଥିଲେ । ଏ ଦେଶର ପାଣ ଓ ଚୌକିଦାରମାନେ ପ୍ରେସିଡେଣ୍ଟ ମହୋଦୟଙ୍କର ମଙ୍ଗଳ କାମନା କରୁଅଛନ୍ତି । ବୋଧହୁଏ ନୂତନ ପଦ ପ୍ରାପ୍ତ ଉପଲକ୍ଷରେ ଏହା ହୋଇଅଛି ।

## ସାଧାରଣ ସମ୍ବାଦ ।

ଅଲିପୁର ବୋମା ମୋକଦ୍ଦମାର ସେହି ପାଞ୍ଚଜଣ ଅସାମୀର ବିଚାର ସର ହାଇକୋର୍ଟର ସ୍ପେଶିଆଲ ବେଞ୍ଚରେ ସାହେବଙ୍କ ସହିତ ହୋଇଅଛି ଆସନ୍ତା ସୋମବାର ସେମାନଙ୍କର ବିଚାର ଆରମ୍ଭ ହେବ ।

ପ୍ରଦେଶର ଓ ଅନ୍ୟମାନଙ୍କର ସତ୍ୟସନ୍ଧ ଧର୍ମନିଷ୍ଠ ସମ୍ରାଟ ତୁବା ଓ ଭାରତ ଏହି ଶ୍ରୀଯୁକ୍ତ ପ୍ରଜାମାନଙ୍କର ବାହାଦୂର ବଡ଼ ବଡ଼ ସହର ସଦସ୍ୟ ହୋଇଅଛନ୍ତି ।

ଚୀନ ଗବର୍ଣ୍ଣମେଣ୍ଟର ଅଦେଶରେ ସେଠାର ଦୁଇଜଣ ଶ୍ରୀ ଲୋକର ଦେବେଶଣ କଂଗ୍ରେସ ଗୌରବାନ୍ୱିତ କାର୍ଯ୍ୟ ଶିକ୍ଷା ନିମନ୍ତେ ଇଂଲଣ୍ଡକୁ ପ୍ରେରିତ ହୋଇଥିବେ । ସେଠାରେ କାର୍ଯ୍ୟ ଦେଖି ଶୁଣି କରି ସମସ୍ତାଙ୍କର ଦୋଷ ହୋଇ ଚୀନ ଦେଶକୁ ଯାତ୍ରା କରୁଅଛନ୍ତି । ଚୀନ ବର୍ତ୍ତମାନ ଜାଗ୍ରତ ହୋଇ ସକଳ ବିଷୟର ସଂସ୍କାରରେ ଚିତ୍ତ ଦେଉଅଛି ।

ଡାକ୍ତର ମୁନସି ଗଞ୍ଜ ମହକୁମାର ସମାଡେଗା ଗ୍ରାମର ଏକ ଜଙ୍ଗଲରେ ବହୁଦିନ ଅବଧି ସେଠାର ଅଧିବାସୀ ପ୍ରେସିଡେଣ୍ଟ ସ୍ୱାମୀ ଶୀଘ୍ର ଚୌକିଦାରଗଣ ସଙ୍ଗେ ସେହି ଜଙ୍ଗଲରେ ପଶୁଙ୍କୁ ଶୋଭଦେ କହନ୍ତି, ଦାକଲକରୁ ଓ କହିଦ ପାଉଅଛନ୍ତି । ସେ ଶୁଣିଲେ ଯେ କେତେକଣ ତପ ସେ ସମସ୍ତ ପଶୁ ନେଇ ସେଠାରେ କ୍ରୀଡ଼ା କରନ୍ତି । ମାତ୍ର ତାହାଙ୍କୁ ଦେଖି ସିଙ୍ଗମାନେ ପଳାଇଲେ ।

ବାମଣ୍ଡାର ରାଜା ବଲକତାରେ ଅବସ୍ଥାନକାଳରେ ସହ ବଡ଼ଲାଟଙ୍କ ଘୋଡ଼ାସାଳର ସେନାପ୍ରଦର୍ଶନର ସୋପାନ ଦେଖି ଓ ଶିଳାଇ ଦୋକାନ ଦେଖିବାକୁ ଯାଇଥିଲେ । ଦୋକାନର ସମସ୍ତ କାର୍ଯ୍ୟ ଓ ଦ୍ରବ୍ୟ ଦର୍ଶନ ଏବଂ ଦୋକାନଦାରଙ୍କର ସଂପୃକ୍ତ ବିଦ୍ ବ୍ୟବହାରରେ ସନ୍ତୋଷ ଲାଭ କରିଥିଲେ ।

ଜଣେ ଇଂରେଜ ମାସାଧିକ କାଳ ଏକ ବେଲୁନର ବାହ ଚଢ଼ି ବେଲଜିୟମ ଜଳ ବାୟୁ ସେବନରେ ସୁସ୍ଥ ଶରୀର ... ପ୍ରମାଣ କରୁଅଛନ୍ତି ଯେ ବୃଦ୍ଧଜନ ଓ ବାୟୁ ସେବନରେ ମନୁଷ୍ୟ ସମ୍ପୂର୍ଣ୍ଣ ଜୀବନ ଧାରଣ କରିପାରେ । ସେଠାରେ ବୃଦ୍ଧିମାନ ଏ କଥା ଗାର୍ଦ୍ଧାଲ ପ୍ରାୟ ... କରି ପାରୁ- ଅଛନ୍ତି । ମାତ୍ର ଦକ୍ଷ ପ୍ରମାଣ କି । ଏ କାଳରେ ଲୋକଙ୍କର ବିଶ୍ୱାସ ହୁଏ ନାହିଁ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ
ମହୋଦୟ ସମୀପେଷୁ ।

ମହାଶୟ !

ଡିସେମ୍ବର ତା ୨୭ ରିଖରେ କନିକାଙ୍କୁଣା ଗଡ଼- ଜଗା ନଗରଠାରେ ମଃ ଇଃ ସ୍କୁଲ ଓ ପଦ୍ମଳା ବିଟୋଲର ପୁରସ୍କାର ବିତରଣ ଉପଲକ୍ଷେ ଉଭୟ ସ୍କୁଲର ମଧ୍ୟବର୍ତ୍ତୀ ଖେଳ ପଡ଼ିଆରେ ଗୋଟିଏ ବିରାଟ ସଭା ହୋଇଥିଲା, ସଭା-ମଣ୍ଡପଟି ପତ୍ରପୁଷ୍ପ ଧ୍ୱଜ ତୋରଣ ଓ ଚନ୍ଦ୍ରାତପ ପ୍ରଭୃତିଦ୍ୱାରା ଏପରି ସୁନ୍ଦରଭାବରେ ସଜ୍ଜିତ ହୋଇଥିଲା ଯେ ଦୂରରୁ ଦେଖିଲେ ଗୋଟିଏ ବିରାଟ ଦରବାରର ଭ୍ରମ ଜନ୍ମାଉଥିଲା । ଏହି ସଭାରେ କନିକାର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଶୁନବାଲ ମଃ ସ୍କୁଲର ଶିକ୍ଷକମାନେ ଉପସ୍ଥିତ ଥିଲେ, ଏହି ସ୍ଥଳଟି ସଭ୍ୟ ଏବଂ ଦର୍ଶକବୃନ୍ଦରେ ପରିପୂର୍ଣ୍ଣ ହୋଇଥିଲା । ବିଶେଷତଃ ଶ୍ରୀଯୁକ୍ତ କନିକାର ରାଜାବାହାଦୁର, ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ସିଃ ଆଇଃ ଇଃ ଶ୍ରୀମତୀ ଶୈଳବାଳା ଦାସ ଶ୍ରୀମତୀ ମିସ ହାଲଗ, ଶ୍ରୀଯୁକ୍ତ ବାବୁ ସୁଦାମଚନ୍ଦ୍ର ଦାସ, ଶ୍ରୀଯୁକ୍ତ ବାବୁ ପିଟରେଇ ସାହେବ, ଶ୍ରୀଯୁକ୍ତ ବାବୁ

ମଦନଗୋପାଳ ମହାଶୟ ଶ୍ରୀଯୁକ୍ତ ବାବୁ ଜ୍ଞାନ-ଚନ୍ଦ୍ର ସରକାର, ଶ୍ରୀଯୁକ୍ତ ବାବୁ ଜୟରାମ ଦାସ ଏବଂ ଗଞ୍ଜାମର କଲେକ୍ଟରର ସମସ୍ତ କର୍ମଚାରୀ-ବୃନ୍ଦ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ସଦାନନ୍ଦ ଦୂରଙ୍କ ପ୍ରସ୍ତାବ ଓ ଶ୍ରୀଯୁକ୍ତ ମାନେଜରଙ୍କ ଅନୁମୋଦନ ମତେ ଶ୍ରୀଯୁକ୍ତ ବିଷ୍ଣୁ ଦାସ ବି: ଏ: ଏ: ସଭା-ପତିର ଆସନ ଗ୍ରହଣ କରିବା ପରେ ପଦ୍ମନାଭ ପୋଲର ପଣ୍ଡିତ ଶ୍ରୀ ଦାମୋଦର ମିଶ୍ର କାବ୍ୟପୁ-ରାଣ ତୀର୍ଥ ସ୍ୱାଗତନାମକ ବୃତ୍ତରେ ରଚିତ ସ୍ୱାଗତସୂଚକ ସଂସ୍କୃତପଦ୍ୟ ଏବଂ ଅନ୍ୟ ଗୋଟିଏ ଶ୍ଲୋକ ପାଠ କଲେ । ସେହି ସ୍ୱାଗତ ପଦ୍ୟରୁ ଗୋଟିଏ ଶ୍ଲୋକ ଏବଂ ଶେଷ ଶ୍ଲୋକ ସମସ୍ତଙ୍କ ଅବଗତି ନିମନ୍ତେ ଉଦ୍ଧୃତ କଲୁଁ ।

“ ଚନ୍ଦ୍ର ବଳଭଜିତା ନିରସ୍ତ ସୋ:
ସନ୍ତରେତ୍ୟ ପଞ୍ଚସ୍ୱର ମନୋଜ୍ଞ: ;
ଉତ୍କଳାର୍ଯ୍ୟଜନମାନସ ପୂତ: !
ସ୍ୱାଗତଂ ମଙ୍ଗଳଂ ଭବତାଂ ଯତ ।
ଶଶ୍ୱଂ ଭକ୍ତ୍ୟମାନ: ସତତମପି ସୁର:
ଧର୍ମପ୍ରବୃତ୍ତିଶୀଳଂ
ଯସ୍ୟ ପ୍ରତ୍ୟର୍ଥିପୃଥ୍ୱୀପତିଭୟଦପଦେ ନାଦଶ୍ଚ ସୋ:
ଦାତ୍ୟାତ୍ ।
ସମ୍ରାଜ୍ଞା ଶ୍ରୀଯୁତେନ ପ୍ରଥିତଗୁଣଗଣା ସ୍ୱେନ ସଂସ୍ଥା
ନିତ୍ୟାନାଂ
ଦେଶୋଦ୍ଧାରବ୍ରତାନାଂ ବସୁମିହ ଭବତାଂ ଧାମ
ତଂ ବର୍ଦ୍ଧୟନ୍ତୁ ॥

ତଦନନ୍ତର ଗୋ ୨ ଟି ଛାତ୍ର ମାତୃଭାଷାରେ ଦେଶହିତୈଷୀମାନଙ୍କର ଶୁଭାଗମନ ସମ୍ବନ୍ଧୀୟ ଦୁଇଟି ପଦ୍ୟ ପାଠ କରିଥିଲେ । ତାର ପରେ ଗୋ ୨ ଟି ଛାତ୍ର ମଧୁରକଣ୍ଠରେ ଉତ୍କଳୀୟ ଶୁଭାଗମନ ପଦ୍ୟ ପାଠକଲେ, ଉକ୍ତ ସ୍କୁଲର ରିପୋର୍ଟ ପାଠ ହେଲା ପର ଗୋଟିଏ ଛାତ୍ରକେଲ ଡଗଗଲା, ତଦନନ୍ତର ଇଂରେଜୀ ପଦ୍ୟ, ବଙ୍ଗୀୟ ପଦ୍ୟ, ଓ ମାତୃଭୂମି ପଦ୍ୟ ପାଠିତ ହେଲା, ତତ୍ପରେ ଚୈତନ୍ୟ ନାଟକର ଅଦ୍ୱୈତମତ ଖଣ୍ଡନର ଅଙ୍କ ଅଭିନୀତ ହେଲା, ସର୍ବଶେଷରେ ପୁରସ୍କାର ବଣ୍ଟନ କରାଯାଇଥିଲା, ପଣ୍ଡିତ ଶ୍ରୀ ଦାମୋଦର କାବ୍ୟ ପୁରାଣତୀର୍ଥ ପୁରାଣଉପାଧି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ଗୋଟିଏ ରୌପ୍ୟ ପଦକ ଦିଆଗଲା । ପୁରସ୍କାର ବଣ୍ଟନ କାର୍ଯ୍ୟ ଶେଷ ହେଲେ ସଭାପତି ମହୋଦୟ ଯେଉଁ ସୁନ୍ଦର ସାରଗର୍ଭ ସରଳ ବକ୍ତୃତା ଦେଲେ ତାହା ସମ୍ପୂର୍ଣ୍ଣରୂପେ ଲେଖିଲେ ଗୋଟିଏ ପୁସ୍ତକ ହେବ, ତାହାର ସାରାଂଶର ସାରାଂଶ ସରଳ ଜ୍ଞାନାର୍ଥ ଲେଖୁଅଛୁଁ, ପ୍ରଥମେ ସଭାପତି ମହାଶୟ ଛାତ୍ରମାନଙ୍କୁ ଲକ୍ଷ୍ୟକରି କହିଲେ; ତୁମ୍ଭମାନଙ୍କର ଅଧ୍ୟାପକମାନେ ଶିକ୍ଷିତ ହୋଇଛନ୍ତି ଏହି ତୁମ୍ଭ ସ୍କୁଲଙ୍କର ଏକାନ୍ତ ଇଚ୍ଛା ଏମ୍ବନ୍ଦଙ୍କ ଏହି ଟି: ସ୍କୁଲରୁ ସେ ଏକ୍ସୋମରେ ପରୀକ୍ଷିତ ହେବାକୁ ଅଭିଳାଷ କରୁଅଛନ୍ତି । ଦ୍ୱିତୀୟରେ ଛାତ୍ରମାନଙ୍କର ଅଭିଭାବକମାନଙ୍କୁ କହିଲେ, ତୁମ୍ଭେମାନେ କେହି ମନେ କରିବ ନାହିଁ ଯେ ମୋର ଗୋଟିଏ ପୁଅ ପଢ଼ୁ, ସମସ୍ତେ ପଢ଼ି କେଉଁଠି ଚାକିରି ପାଇବେ, କାରଣ ଏପରି ମନେ କଲେ ଶେଷରେ ଅନୁତପ୍ତ ହେବ, ସେ ଯଦି ଶିକ୍ଷିତ ହେଲେ ଘରର ଅସୁବିଧା ଦୂର କରିବ, ତଦନନ୍ତର ଛାତ୍ରମାନଙ୍କୁ କହିଲେ ଦୁଃଖ ସ୍ୱୀକାର ନ କଲେ ସୁଖ ମିଳେ ନାହିଁ, ଏ ବିଷୟରେ ନିଜ ଜୀବନରୁ ଗୋ ୨ ଟି ଉଦାହରଣ ଦେଲେ, ତତ୍ପରେ କହିଲେ ପଢ଼ି ଜ୍ଞାନୀ ହୋଇ ଯେଉଁମାନେ ଅସତ୍ ପଥରେ କଦାପି ଯାଆନ୍ତି ସେମାନେ ଜୀବିତ ନୁହନ୍ତି, ମନୁଷ୍ୟ କାର୍ଯ୍ୟ କରିବା ନିମନ୍ତେ ସଂସାରରେ ଜନ୍ମଗ୍ରହଣ କରିଅଛି, ଏହି କାର୍ଯ୍ୟ କରିବାକୁ ଜ୍ଞାନର ଆବଶ୍ୟକ, ଯାହା ଜାଣିବାକୁ ହୁଏ ତାହାର ନାମ ଜ୍ଞାନ, ଏହି ଜ୍ଞାନରୂପ ଶସ୍ତ୍ର ଧରି ମନୁଷ୍ୟ ଜୀବନରୂପ ରଣକ୍ଷେତ୍ରରେ ନାନାବିଧ ବିଘ୍ନ ଶତ୍ରୁଙ୍କ ଜୟ କରେ, ଯେଉଁମାନେ ଏହି ଶସ୍ତ୍ର କେବଳ ଧରି-ଥାଆନ୍ତି କିନ୍ତୁ ତାହାର ବ୍ୟବହାର ଜାଣନ୍ତି ନାହିଁ ସେମାନେ ଅସମ୍ପୂର୍ଣ୍ଣ ହୁଅନ୍ତି, ଅତଏବ ଯେଉଁ ଜ୍ଞାନଉପାର୍ଜ୍ଜନ କରୁଛ ତାହାର ବ୍ୟବହାର କରିବାକୁ ଶିଖ । ତଦନନ୍ତର ଶିକ୍ଷକମାନଙ୍କୁ ଲକ୍ଷ୍ୟକରି କହିଲେ, ଆମ୍ଭ ଦେଶର ଲୋକେ ଶିକ୍ଷ-କତା କାର୍ଯ୍ୟକୁ ସାମାନ୍ୟ କାର୍ଯ୍ୟ ମନେକରି ଘୃଣା କରିଥାନ୍ତି କିନ୍ତୁ ତାହା କଦାପି କର୍ତ୍ତବ୍ୟ ନୁହେଁ, ଶିକ୍ଷକ ମନୁଷ୍ୟର ମନୁଷ୍ୟତ୍ୱ ଗଠନ କରେ, ମାତା ପିତା ଜାତ କରନ୍ତି ଓ ଭୂମ୍ୟାବରଣ ମୃଣ୍ମୟ ପିଣ୍ଡର କୌଣସି ପ୍ରଭେଦ ନ ଥାଏ, ଯେତେ-ବେଳଯାଏ ଶିକ୍ଷକ ମନୁଷ୍ୟଠାରେ ଜ୍ଞାନରୂପ ସଞ୍ଜୀବନୀ ମନ୍ତ୍ରର ନ୍ୟାସ କରନ୍ତି ନାହିଁ । ପାଶ୍ଚାତ୍ୟ ଦେଶପରି ଆମ୍ଭଦେଶରେ ଶିକ୍ଷକମାନଙ୍କର ସମ୍ମାନ ନାହିଁ ସତ୍ୟ କିନ୍ତୁ ଏପ୍ରକାର ଗୋଟିଏ କାଳ ଆସିବ ଯହିଁରେ କି ସମସ୍ତେ ଶିକ୍ଷକର ଗୁଣ ବୁଝିପାରିବେ, ଏହିପରି ଅନେକ ଗୁଢ଼ ସଦୁପ-ଦେଶଗର୍ଭିତ ବାକ୍ୟ କହିଲାପରେ କହିଲେ ଯେ ତୁମ୍ଭମାନଙ୍କର ଏହି ସ୍କୁଲ ୧ ମ ପ୍ରକୃତ ଦେଶହିତୈଷୀ ଦେଶ ଗବର୍ଣ୍ଣମେଣ୍ଟ ଯେଉଁ ସବୁ ସ୍କୁଲରେ ସାହାଯ୍ୟ ଦିଅନ୍ତି ସେହି ସକଳ ସ୍କୁଲ ସେ ସ୍ୱୟଂ ଦେଖିପାରୁ ନ ଥାନ୍ତି କିନ୍ତୁ ରାଜାଙ୍କର ଏହି ସ୍କୁଲ ରାଜା ସ୍ୱୟଂ ବାରଂବାର ଦେଖିବା ଅତି ସୁଖର ବିଷୟ, ମୁଁ ଆଗାମୀ ଜନୁଆରୀମାସ ଠାରୁ ଉକ୍ତ ସ୍କୁଲକୁ ମାସିକ ଟ ୧୦ ଙ୍କା ସାହାଯ୍ୟ ପ୍ରଦାନ କରିବି, ସେତିକିବେଳେ ତାଙ୍କ ଉକ୍ତି ନୁସାରେ ଖର୍ଚ୍ଚ କରାଯିବ । ଏହା କହି ଆସନ ଗ୍ରହଣ କରନ୍ତେ ଶ୍ରୀଯୁକ୍ତ ମାନେଜର ସତ୍ୟଭାଷଚନ୍ଦ୍ର ସରକାର ଅତି ସୁନ୍ଦରରୂପେ ସଭାପତି ମହାଶ-ୟଙ୍କୁ ସଭାପକ୍ଷରୁ ଧନ୍ୟବାଦ ଦେଲେ, ତାର ପରେ ଅ: ମେ: ଶ୍ରୀଯୁକ୍ତ ବାବୁ ଜୟରାମ ଦାସ ପୂର୍ବୋକ୍ତ ମହାତ୍ମାମାନେ ଶ୍ରମ ସ୍ୱୀକାର କରି ସ୍କୁଲ ଦେଖିବାକୁ ଆସି ପୁରସ୍କାର ବିତରଣ କାର୍ଯ୍ୟରେ ଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କଲାପରେ ସଭା ଭଙ୍ଗହେଲା ।

୨୯ । ୧୨ । ୦୯ }
। ବ । କଳାହା }
ଆପଣଙ୍କର ଜଣେ ଦର୍ଶକ
ଶିଢ଼ଯା ଶାସନ ବାସୀ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ରଘୁନାଥ ଘୋଷ | ଖଣ୍ଡଗାହି | ୫ ୭ |
| „ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ କଲିକତା | | ୫ ୦ |
| „ ବାସୁଦେବ ଦାସ | ପିପିଲି | ୫ ୦ |
| „ ଡ: ଷ୍ଟି: ସାଇ ଏକ୍ସପ୍ରେସ | ବଡ଼ | ୦ ୦ |
| „ କେଦାର ଚନ୍ଦ୍ର ସାମନ୍ତସିଂହ | କାଲା | ୫ ୦ |
| „ ଦାମୋଦର ରଥ | ସମ୍ବଲପୁର | ୫ ୦ |
| „ ଯଦୁନାଥ ପଣ୍ଡା | ସଦାଶିବପୁର | ୫ ୦ |
| „ କୃଷ୍ଣ ମୋହନ ପଣ୍ଡା | ଜଗତସିଂହପୁର | ୫ ୨ |
| „ ନନ୍ଦକିଶୋର ସାମଲ | କୁମ୍ଭାରିଆ | ୫ ୦ |
| „ ଡାକ୍ତା । ବା । ଚରଲାକୋଠି | | ୫ ୦ |

## ନିଲାମୀ ଇସ୍ତାହାର ।

ସ ୧୪୧୮ ମଦ ସ: ସନ ୧୯୦୮ ମସିହା
କ ୧୩୦୦ ଡିକ୍ରୀଜାରୀ ସନ ୧୯୦୯ ମସିହା
ପ୍ରଥମ ମୁନସଫି କଟକ ।

ଅଦାଲତଯୁଗ ଅପା ଦାସ.

( ବନାମ )

ଗୋବିନ୍ଦ ଦାସ ଓଗେର ପ୍ରତିବାଦୀମାନେ

ଜଲେ କଟକ ଥାନା ଓ ସବ ରେଜେଷ୍ଟ୍ରାର କଟକ । ପ୍ର । ସାଇନୋ । ମୌ । ଖାଲ୍ଲେଶ ତ ୩୪୧୨୮ ମଦ ଇ: ତ ୧୪୨୧୮୬ ମଦ ଜଙ୍ଗଲ ବାବତ ନିମ୍ନଲିଖିତ ଖସଡ଼ା ନମ୍ବର ଓ ଚହଦ ଅନୁସାରେ ଲା: ବାହେଲ ଏ୨—୧୦ ଡି: ଜମି ।

ତ ୨୬୨ ମଦ ଖସଡ଼ା ଏ୦—୦୨ । ଉ । କଁକ । ଦ । ନିଜ ଦ୨୬୨ ମଦ ଖସଡ଼ା ଏ୦—୦୬ । ଉ । ଦଣ୍ଡା । ଦ । କାଳୁଦାସ କ ୨୬୮ ମଦ ଖସଡ଼ା ଏ୦—୦୪ । ଉ । ଦ । ନିଜ ଦ ୨୬୯ ମଦ ଖସଡ଼ା ଏ୦—୮୦ । ଉ । ଦଣ୍ଡା । ଦ । ସଦେଇ ଓଝା କ ୨୭୦ ମଦ ଖସଡ଼ା ଏ୦—୭୨ । ଉ । ନିଜ । ଦ । ସଦେଇ ଓଝା ଦ ୨୧୧ ମଦ ଖସଡ଼ା ଏ୦—୩୧ । ଉ । ନିଜ । ଦ । ସଦେଇ ଓଝା କ ୨୨୪ ମଦ ଖସଡ଼ା ଏ୦—୧୫ । ଉ । ନିଜ । ଦ । ବାମଦେବ ଓଝା ମୋଟ ଏ ୨—୧୦ ଲା: ବାହେଲ ଜମି । ସନ ୧୯୧୦ ଜାନୁଆରୀ ତା ୧୫ ରଖେ ନିଲାମ ହେବ ।

Digitized by srujanika@gmail.com

# ବିଜ୍ଞାପନ।

ବୃହତ୍ କଳପ୍ରାଶ
ଛଗଳାଦ୍ୟଂ ଘୃତଂ।

ଶାସ୍ତ୍ରୀୟ ପ୍ରସିଦ୍ଧ ସୁବିଜ୍ଞ ଓ ସୁଚତୁର୍ଦ୍ଦିଗ ମହୋଦୟ ଗଣଙ୍କ ଦ୍ୱାରା ସେବଦ୍ବାରା ସ୍ଥଳ ବ୍ୟକ୍ତିମାନଙ୍କ ପକ୍ଷରେ ଏହି ଘୃତ ଯେପରି ସୁଫଳ ଏପରି ଆଉ ଏକ ମାତ୍ର ଔଷଧ ଉପକାରିତ ନାହିଁ। ସାଧାରଣ ଲୋକ ଏହି ବୃହତ୍ ଛଗଳାଦ୍ୟ ଘୃତ ବ୍ୟବହାର କଲେ ଧନ, ଜନ ଶାସନର ସୁବିଧାଜନ ଓ ବଳବର ଶରୀର ପ୍ରଶାଲତା ଏବଂ ଶ୍ରୀର ବୃଦ୍ଧି ହୁଏ। ଏହି ଘୃତ ସେବନ କଲେ ଅଙ୍ଗ ବଳ ଏବଂ ପରମାୟୁ ବୃଦ୍ଧି ହୁଏ। ଏହି ଘୃତର କାନ୍ତି ମନର ପ୍ରସନ୍ନତା ମସ୍ତିଷ୍କର ବଳବର୍ଦ୍ଧକ ସାମ୍ପ୍ରି ଉତ୍ପାଦନ କରେ, ଧାତୁ ଶକ୍ତିର ବୃଦ୍ଧି କରିବାର ଏହି ଘୃତ ଏକମାତ୍ର ମହୌଷଧ ଏବଂ ବାତର ଅପସ୍ମାର, ସନ୍ନ୍ୟାସ, ମୂର୍ଚ୍ଛା, ଉନ୍ମାଦ ପ୍ରଭୃତି ସକଳ ପ୍ରକାର ବାତ ବ୍ୟାଧି, ଉନ୍ମାଦ, ଅପସ୍ମାର, ଜଡ଼ତା, କମ୍ପବାତ ପ୍ରଭୃତି ରୋଗ ନିବାରଣ ହୁଏ। ଅତ ଏବ ଯେଉଁ ବ୍ୟକ୍ତି ବଳ ବୃଦ୍ଧି ଇଚ୍ଛା କରେ ତାହା ପକ୍ଷରେ ଏ ଶାସ୍ତ୍ରୋକ୍ତ ପରମ କଲ୍ୟାଣକର ରସାୟନ ବୃହତ୍ ଛଗଳାଦ୍ୟ ଘୃତ ପ୍ରୟୋଜନ। ଅଧିକ ଅଧିକ ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ। ଏହାର ଗୁଣ ଶାସ୍ତ୍ରରେ ମଧ୍ୟ ବିଶେଷ ପ୍ରକାର ଭାବରେ ବର୍ଣ୍ଣନ ହୋଇଅଛି। ଯଥା—

ଚ୍ୟାସ୍ୟନଂ ବର୍ଦ୍ଧି ବଲ ପୁଷ୍ଟ୍ୟ।
ବପୁଃ ପ୍ରକର୍ଷଂ ଦେଧାତ ତୁଦ।
ବଲ୍ଲୀବଲେନେଣ ସମାନ ତେଜା।
ସର୍ବାମୃଷଂ ସ୍ୱସ୍ଥଧତଂ କରେତ। ୧।
ଶ୍ରୀଣାଂ ଛତଂ ସବ୍ଦ ତ ଗତେତେଙ୍କଂ।
ନ ଯାତ ବୃଦ୍ଧି ସ୍ତେସ୍ତା ସମାସା।
ଅସୃକ୍ତିଣୀ ସୁସଧତଂ କରେତ।
ଶତାମୃଷଂ କାମସନଂ ବଦନ୍ତ। ୨।
ମହତ୍ ସତଂ ନାମରୁ ଛଗଳାଦ୍ୟଂ
କେଶିତ ବାତ ନିସୂଦନଂ।
ପିବ ସୁବ ସେଗରସ୍ୟାପତ୍ତ ତ।
ତକାତ ହାସ୍ତକ ମନ୍ଦବିତ୍ତା। ୩।

ପ୍ରକାର ଥାଇ ବ ଏତଦ୍ବ୍ୟତୀତ ସହସ୍ରକାର ଅଶୁଦ୍ଧ ମର୍ଦ୍ଦ୍ଦିତ ଘୃତ, ତୈଳ, ବଟିକା, ଅସବ ଅରିଷ୍ଟ, ମୋଦକ ମକରଧ୍ୱଜ, ଚିତ୍ର ଭାଗତ ଧାତୁ, ଓ ଧାତୁବସ୍ତ୍ର ଶତକେ ପ୍ରଭୃତି ବହୁ ବିଧ ଶୁଦ୍ଧ ଦ୍ରବ୍ୟ ରଖିଅଛୁ। ସୋଗମାନ ଙ୍କର ଅବସ୍ଥା ଶୁଣି ସେମାନେ ଯଥୋଚିତ ଚିକିତ୍ସା ସଙ୍ଗେ ତାଙ୍କୁ ଯଥୋଚିତ ସାର ସାହାଯ୍ୟ। ଇତି।

ମୂଲ୍ୟ।

ସେ ୦।୧୫ ୪ ମହାଶୟା ଏବ ଏକନି ଭ
ସେ ୧ ଟଙ୍କା ୮ ଡ଼କଖର୍ଚ୍ଚ।

ଭା: ପି ରେ ମଗାଇଲେ ଡାକ ମାସୁଲ ଅଲଗା ଦେବାକୁ ହେବ।

ଭବଦୀୟ

ଶ୍ରୀ ନାରାୟଣ ମିଶ୍ର ଶର୍ମା ଚରକ୍ତ
ଓ ଉଦିତନ ବନ୍ଦ୍ୟୋପାଧ୍ୟାୟ ମିଶ୍ର ଶର୍ମା
ଚକ୍ରାଦିଧାରକ
ଅଯୁର୍ବେଦୀୟ ଘର ନୂତନ ଧନ୍ୱନ୍ତରି ଔଷଧାଳୟ
ହେଲି ନାମକ ଯେଉଁ ଧୂମକେତୁ ପୋନ ଜ୍ୟୋତିର୍ବିତ୍‌ମାନଙ୍କ ଦୃଷ୍ଟିରେ ତତ୍ପର ପଡ଼ିଅଛନ୍ତି । ବାଲ୍ଟିଲ ଅକ୍ସଫୋର୍ଡଠାରେ ପାଦ୍ରୀ ଫିଲିପ ସାହେବ ଏହି ସେପ୍ଟେମ୍ବର ମାସ ତା ୮ରିଖରେ ଏହି ଧୂମକେତୁକୁ ଦେଖି ଲେଖି ଅଛନ୍ତି ଯେ ଏଥିର ଉଜ୍ଜ୍ୱଳତା କେତେ ବିଗୁଣ ଦୃଶ ହୋଇ ବର୍ତ୍ତମାନ ପୁଣି ତାହା ବୃଦ୍ଧି ପାଉଅଛି । ଏହା ସୂର୍ଯ୍ୟ ଆଡ଼କୁ ଦ୍ରୁତବେଗରେ ଗତି ବିସ୍ତାର କରୁଅଛି ଏବଂ ପୃଥିବୀର ଗତି-ଦୃଷ୍ଟେ ଏହା ବର୍ତ୍ତମାନ ଦଶ କୋଟି ମାଇଲ ଦୂରରେ ଥିଲେହେଁ ଆଗାମୀ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ସତର କୋଟି ଷାଠିଏ ଲକ୍ଷ ମାଇଲ ଦୂରରେ ରହି ଅଦୃଶ୍ୟ ହେବ । ଏଥି ଉତ୍ତାରୁ ଅପ୍ରେଲ ମାସ ଶେଷ ସୁଦ୍ଧା ପ୍ରାତଃକାଳରେ ଦେଖାଯିବ ଏବଂ କେତେକ ପୃଥିବୀ ଏବଂ ଧୂମକେତୁ ପରସ୍ପର ଆଡ଼କୁ ଗତି ବିସ୍ତାର କରିବ । ମଇ ମାସ ତା ୨୦ ରିଖରେ ପୃଥିବୀଠାରୁ ଧୂମକେତୁ କୋଟିଏ ଷୋଳଶ ଲକ୍ଷ ମାଇଲ ଦୂରରେ ରହିବ । ମଇମାସ ତା ୧୮ ରିଖ ରାତ୍ରରେ ସୂର୍ଯ୍ୟକୁ ଦେଖିଲେ ଏ ଦୁହେଁ ଏକ ସରଳ ରେଖାରେ ଅବସ୍ଥିତ ଥିବାର ଦେଖାଯିବ । ଧୂମକେତୁର ଲାଞ୍ଜ ସୂର୍ଯ୍ୟଠାରୁ ବିପରୀତ ଦିଗରେ ଥିବା ଓ ତାହା ଦେଢ଼ କୋଟି ମାଇଲରୁ ଅଧିକ ଲମ୍ବ ହେବାରୁ ପୃଥିବୀ ତହିଁ ମଧ୍ୟ ଦେଇ ଯିବ । ଏଥି-ଯୋଗୁଁ କେହି୍ ପୃଥିବୀର ଅନିଷ୍ଟର ଆଶଙ୍କା କରନ୍ତି ମାତ୍ର ଧୂମକେତୁର ଲାଞ୍ଜ ସୂକ୍ଷ୍ମତରମ ଶୂନ୍ୟଗର୍ଭ ଥିବାରୁ ଏବଂ ୧୮୬୧ ମସୀହାରେ ଏହିପରି ଘଟଣା ହୋଇଥିଲେହେଁ ପୃଥିବୀର କୌଣସି ଅନିଷ୍ଟ ହୋଇ ନ ଥିବାରୁ କୌଣସି ମତେ ଘଟଣା ଘଟିବାର ଆଶଙ୍କା ଅମୂଳକ ଅଟେ ।

———

କଟକରେ ଶିକ୍ଷୋନ୍ନତି ।

ଗତ ପୂର୍ବ ସପ୍ତାହରେ ଆମ୍ଭେମାନେ କଟକ ମଧ୍ୟ ଇଂରାଜୀ ସ୍କୁଲର ପୁରସ୍କାର ବିତରଣ ସଭାର ବିବରଣସମ୍ବଳିତ ଶ୍ରୀଯୁକ୍ତ ସ୍ୱେନର ପତ୍ର ପ୍ରକାଶ କରିଅଛୁଁ । ତହିଁରେ ପାଠକମାନେ ପଢ଼ିଥିବେ ଯେ ସେହି ସଭାରେ ସଭାପତି ମହାଶୟ ପ୍ରକାଶ କଲେ ଯେ ଆପଣ ପ୍ରଜାବର୍ଗର ଶିକ୍ଷୋନ୍ନତି-ସହାୟେ କଟକ ରାଜା ସଦାଦ୍ଧା ଯତ୍ନବାନ୍ ଏବଂ ସେଥିପାଇଁ ସେହି ମଧ୍ୟଇଂରାଜୀ ସ୍କୁଲକୁ ଉଚ୍ଚ ଶ୍ରେଣୀ ଏକଟ୍ରାନ୍ସ ସ୍କୁଲ କରିବାର ଚେଷ୍ଟା କରୁଅଛନ୍ତି କଟକ ରାଜା ଧନ, ବିଦ୍ୟା, ସତ୍ସାହସ, ସାଧାରଣ ହିତାର୍ଥେ ବଦାନ୍ୟତା ଇତ୍ୟାଦି ଗୁଣରେ ଏ ପ୍ରଦେଶର ଜଣେ ପ୍ରଥମ ଶ୍ରେଣୀର ରାଜା ବୋଲି ବିଦିତ ଏବଂ ସେ ଆପଣାର ପ୍ରଜାବର୍ଗର ବିଦ୍ୟା ଶିକ୍ଷା ଓ ଅନ୍ୟାନ୍ୟ ବିଷୟର ଉନ୍ନତି ଲୋଡ଼ିବେ ଏହା ସ୍ୱାଭାବିକ । ତାହାଙ୍କ ରାଜ୍ୟରେ କେତୋଟି ବିଦ୍ୟାଳୟ ଅଛି କେତେ ଛାତ୍ର ଓ ଛାତ୍ରୀ ଶିକ୍ଷା ଲାଭ କରୁଅଛନ୍ତି ତାହା ଜାଣିବାର ଉପାୟ ନାହିଁ ବିଶେଷତଃ ଯେଉଁ ମଧ୍ୟଇଂରାଜୀ ସ୍କୁଲରେ ପୁରସ୍କାର ବିତରଣ ହେଲା ତହିଁରେ କେତେ ଛାତ୍ର ପଢ଼ୁଅଛନ୍ତି ଏବଂ ପୂର୍ବ ବର୍ଷାପେକ୍ଷା ଛାତ୍ର ସଂଖ୍ୟା କେତେ ବୃଦ୍ଧି ହୋଇଅଛି ଏସବୁ ପ୍ରକାଶ କରିଥିଲେ ଭଲ ହୋଇଥାନ୍ତା । ଆମ୍ଭେମାନେ ଶୁଣି-ଅଛୁଁ ଯେ ସେହି ବିଦ୍ୟାଳୟର ୧ମ ଶ୍ରେଣୀର ଛାତ୍ର ସଂଖ୍ୟା ୧୦।୧୨ଜଣରୁ ଅଧିକ ନୁହେ । ଏ ସ୍ଥଳେ ତାହା ଉଚ୍ଚ ଶ୍ରେଣୀର ସ୍କୁଲ ହେଲେ ୧ମ ଶ୍ରେଣୀରେ ୩୫ ଜଣ ଛାତ୍ରରୁ ଅଧିକ ଛାତ୍ର ହେବା ସମ୍ଭବ ନୁହେ ସେଥିପାଇଁ ଉଚ୍ଚ ବେତନର ଶିକ୍ଷକ ରଖି ବହୁ ବ୍ୟୟ କରିବାଠାରୁ ସେହି ବ୍ୟୟରେ ନିମ୍ନ ଓ ଉଚ୍ଚ ପ୍ରାଇମେରି ସ୍କୁଲ ବଢ଼ାଇବା ଅଧିକ ଉଚିତ ହେବ ସନ୍ଦେହ ନାହିଁ । ଉକ୍ତ ଶିକ୍ଷାକ୍ରମରେ ସେଠା ମଧ୍ୟଇଂରାଜୀ ସ୍କୁଲରୁ ପାସ କରିବା ୨।୩ ଛାତ୍ରଙ୍କୁ ବୃତ୍ତି ଦେଲେ ଯଥେଷ୍ଟ

Split by PDF Splitter

Digitized by srujanika@gmail.com

ହେବ । ମାତ୍ର କନ୍ୟା ଶିକ୍ଷାର ବିସ୍ତାର ଓ ତହିଁ-ସଙ୍ଗେ ଅଳ୍ପ ଆୟ ଜାତ ପିଲାମାନଙ୍କର ଶିକ୍ଷାର ଉପାୟ କରିଦେବା ନିତାନ୍ତ ଅବଶ୍ୟକ । ଅଟେ । ଲେଖା ପଢ଼ା ନ ଜାଣିବା ବ୍ୟକ୍ତି ଅଜ୍ଞତାର ସମସ୍ତେ କୌଣସି କାର୍ଯ୍ୟର କହନ୍ତି । କୃଷି ଶିଳ୍ପାଦି ଯେ ବହୁ ବ୍ୟବସାୟ ତହିଁ ବହୁ ପାଇଁ ଲେଖାପଢ଼ା ଜାଣିବା ନିତାନ୍ତ ପ୍ରୟୋଜନ । ପ୍ରାଇମେରୀ ବା ପ୍ରାଥମିକ ଶ୍ରେଣୀର ଶିକ୍ଷା ନ ହେଲେ ସେ ସବୁ ବହୁ ଶିକ୍ଷା ହୋଇ ପାରିବ ନାହିଁ ଏବ ନାନାଜାତି ବା ସମ୍ପ୍ରଦାୟର ଲେଖାପଢ଼ା ଶିକ୍ଷାସଙ୍ଗେ କୃଷି ଶିଳ୍ପାଦିର ଶିକ୍ଷାର ଉପାୟ କରି ନ ଦେଲେ ପ୍ରଜାବର୍ଗ ପରମ୍ପରା ପ୍ରଚଳିତ ଅଜ୍ଞଭାବରେ କୃଷି ଶିଳ୍ପାଦି ବ୍ୟବସାୟ କରି ଭଲ ଅବସ୍ଥାକୁ ଲଭିବାର ଚେଷ୍ଟା ଥାଉ କୌଣସିମତେ ପେଟ ପୂରି ପାରିବେ ନାହିଁ । ଅତଏବ ଆମ୍ଭମାନଙ୍କ କ୍ଷୁଦ୍ର ବିବେଚନାରେ କନ୍ୟା-ଶିକ୍ଷା ବିସ୍ତାରର ବ୍ୟବସ୍ଥା ସର୍ବାଗ୍ରେ ପ୍ରଚୁର ପରିମାଣରେ କରିବା ବାଞ୍ଛନୀୟ । କନ୍ୟା ଶିକ୍ଷାର ବୃଦ୍ଧିରେ କ୍ରମଶଃ ଅଧିକ ଶିକ୍ଷାର ଆଗ୍ରହ ବଢ଼ିବ ଏବ ସେତେବେଳେ ଉଚ୍ଚ ବିଦ୍ୟାଳୟ ଫଳପ୍ରଦ ହେବ । ମୂଳରୁ ଦୃଢ଼ରୂପେ ଗଢ଼ି ନ ଆଣିଲେ ଉଚ୍ଚ ମନ୍ଦିର ଛିଡ଼ା ହେବା ଅସମ୍ଭବ । କନିକା ରାଜା ବୁଦ୍ଧିମାନ୍ ସାଧାରଣ ହିତାକାଂକ୍ଷୀ ବୋଲି ଆମ୍ଭେମାନେ ତାହାଙ୍କୁ ଏ ଅନୁରୋଧ କରୁଅଛୁଁ । ସକଳ ରାଜା ଓ ବଡ଼ ବଡ଼ ଜମିଦାରର ଏହା କର୍ତ୍ତବ୍ୟ । ଆମ୍ଭେମାନେ ଶୁଣି ଅଛୁଁ ଯେ କନିକାରେ ଗୋଟିଏ ମାଛ ଶୁଖୁଆ ଶିଖ କରିବାର ବନ୍ଦୋବସ୍ତ ହେଉଅଛି । ଆଶା କରୁ ଏ ସମୁଦ୍ରରୁ ମାଛ ଧରିବା ପ୍ରଣାଳୀର ଉନ୍ନତି ହେବ । ସେହିପରି ଗୋଟିଏ ଆଦର୍ଶ କୃଷିକ୍ଷେତ୍ର ସ୍ଥାପନ ହେବା ବାଞ୍ଛନୀୟ । କୃଷି ଏବ ମାଛ ଧରା ସେ ଅଞ୍ଚଳର ଲୋକଙ୍କର ପ୍ରଧାନ ବ୍ୟବସାୟ ।

---

ଆମ୍ଭେମାନେ ଇତିପୂର୍ବେ ବିଦ୍ୟାଳୟର ଛାତ୍ରମାନଙ୍କର ଫୁଟବଲ ଖେଳିବା ସମ୍ବନ୍ଧରେ ଆପତ୍ତି କରିଥିଲୁଁ । ବର୍ତ୍ତମାନ ଆମେରିକାରେ ଫୁଟବଲ ଖେଳିବାରେ ୧୫ ଜଣ ଲୋକ ମୃତ ଏବ ଶହେ ଜଣ ଆହତ ହୋଇଥିବାର ଦେଖି ସମ୍ବାଦପତ୍ରମାନ ଫୁଟବଲ ଖେଳକୁ ବିଶେଷ ନିନ୍ଦା କରି ତାହା ଯୁଦ୍ଧପ୍ରାୟ ମନୁଷ୍ୟବିନାଶକ ବୋଲି ଆନ୍ଦୋଳନ ଲଗାଇଅଛନ୍ତି । ଯେଉଁମାନେ ଫୁଟବଲ ଖେଳର ଯୁଦ୍ଧ ଦେଖିଅଛନ୍ତି ସେମାନେ ଉତ୍ତମରୂପେ ଜାଣନ୍ତି ଯେ ଏହା ନିତାନ୍ତ ବିପଜ୍ଜନକ ଏବ ବେଳେ ବେଳେ ମୃତ୍ୟୁରେ ପରିଣତ ହେବା ଆଶ୍ଚର୍ଯ୍ୟ ନୁହେ । ପରନ୍ତୁ ଆମେରିକା ତାହା ପ୍ରମାଣ କରୁଅଛି । ଖେଳ ଅଭିପ୍ରାୟରେ ସାଧାରଣସ୍ଥଳେ ଛାତ୍ରମାନେ ବେଳେ ବେଳେ ତାହା ଖେଳିବା ଆପତ୍ତିଜନକ ହୋଇ ନ ପାରେ ମାତ୍ର ସେମାନଙ୍କ ଫୁଟବଲ ଖେଳର ଯୁଦ୍ଧକୁ ଛାଡ଼ି ଦେବା କଦାପି ଉଚିତ ନୁହେ ।

---

## ମୁସଲମାନ ଶିକ୍ଷା ସମିତି ।

ଭାରତୀୟ ସମସ୍ତ ମୁସଲମାନମାନଙ୍କର ଶିକ୍ଷା-ସମିତି ଏଥର ରେଙ୍ଗୁନଠାରେ ହୋଇଥିଲା । ମହମ୍ମଦାବାଦର ରାଜା ମାନ୍ୟବର ସର ମହମ୍ମଦଅଲି ମହମ୍ମଦଖାଁ କେସି,ଆଇ,ଇ, ଖାଁ ବାହାଦୁର ସଭାପତିର ଆସନ ଗ୍ରହଣ କରିଥିଲେ । ତାହାଙ୍କ ବକ୍ତୃତାରେ ଅନେକ ଜ୍ଞାତବ୍ୟ ବିଷୟ ଥିଲା । ସେ କହିଲେ ଯେ ଲୋକସଂଖ୍ୟା ଅନୁସାରରେ ମୁସଲମାନଙ୍କ ସଂଖ୍ୟା ଶତକଡ଼ା ୨୨.୭ ଅଟେ ଏଥିମଧ୍ୟରୁ ୨୦ ପ୍ରାଥମିକ ଶିକ୍ଷାସ୍କୁଲରେ ପାଠ ପଢ଼ୁଅଛନ୍ତି । ଏହା ସନ୍ତୋଷଜନକ ହେଲେ ... ପ୍ରତ୍ୟେକ ପ୍ରଦେଶର ଅନୁପାତରେ ଅନେକ କମ ଦେଖାଯାଉଛି । ପରନ୍ତୁ ଉଚ୍ଚଶ୍ରେଣୀର ବିଦ୍ୟାଳୟରେ ଛାତ୍ର ସଂଖ୍ୟା ଅନୁପାତରେ ନିତାନ୍ତ କମ ଅର୍ଥାତ୍ ୧୪.୮ ଅଟେ । ବିଶ୍ୱବିଦ୍ୟାଳୟର ନୂତନ ନିୟମାନୁଯାୟୀ ପାଠ ପଢ଼ିବା ପ୍ରତି ଅନେକ ବାଧା ଜାତ ହୋଇ ଅଛି । ଏକ ଶ୍ରେଣୀରେ ନ ୫୦ ଜଣରୁ ଅଧିକ ଛାତ୍ର ନ ରଖିବାର ନିୟମ ବଡ଼ କଷ୍ଟକର । ଗବର୍ଣ୍ଣମେଣ୍ଟ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଆଦର୍ଶ ବିଦ୍ୟାଳୟ ରଖି ସାଧାରଣଲୋକଙ୍କ ଅବଶିଷ୍ଟ ଅଭାବ ପୂରଣ କରିବା କାରଣ ଅଭିପ୍ରାୟ କରନ୍ତି । ସୁତରାଂ ନୂତନ ବିଦ୍ୟାଳୟ, ହୋଷ୍ଟେଲ ଓ ଛାତ୍ରବୃତ୍ତି ଆଦି ପ୍ରତିଷ୍ଠିତ କରିବା କାରଣ ଧନୀ ମୁସଲମାନମାନେ ଅଗ୍ରସର ହେବା ବାଞ୍ଛନୀୟ । ସେମାନେ ବୃଥା ଏଣେ ତେଣେ ଖରଚ ନ କରି ବିଦ୍ୟାଳୟକୁ ଦାନ କଲେ ବଡ଼ ଭଲ କଥା ହେବ । ତାଙ୍କର ଜଣେ ଆତ୍ମୀୟ ଲୋକ ଅଯୋଧ୍ୟାର ତାଲୁକଦାର ବିବାହ ଉପଲକ୍ଷରେ ଅନ୍ୟାନ୍ୟ ବ୍ୟୟ ବନ୍ଦ କରି ଟଙ୍କା ଯୁନିଭର୍ସିଟିଙ୍କ ପଢ଼ିବା ସକାଶେ ଛାତ୍ର ବୃତ୍ତିରୂପେ ଖର୍ଚ୍ଚ କରନ୍ତି । ଏହା ସମସ୍ତଙ୍କର ଅନୁକରଣୀୟ ଅଟେ । ଶିକ୍ଷାସମ୍ବନ୍ଧୀୟ ନିୟମମାନ କଷ୍ଟ ବଢ଼ି ଥିଲେହେଁ ବ୍ୟବସ୍ଥାପକ ସଭାରେ ପ୍ରବେଶ ଅଧିକାରର ନିୟମ ସରକାର ସହଳ କରିଦେଇ ଅଛନ୍ତି ଏତଦ୍ୱାରା ଦାୟିତ୍ୱ ବଢ଼ିଅଛି ଏବ ତଦନୁଯାୟୀ ଶିକ୍ଷିତ ହେବା ପକ୍ଷେ ମୁସଲମାନମାନେ ଉତ୍ସାହିତ ହେବେ । ଶ୍ରମ ଓ ଶିଳ୍ପ ସମ୍ବନ୍ଧୀୟ ବିଦ୍ୟାଳୟରେ ମୁସଲମାନ ଛାତ୍ରମାନେ ଅବଧି ପଶ୍ଚାତ୍ପଦ ହୋଇ ରହିଅଛନ୍ତି ଏବ ଏହା ବାଞ୍ଛନୀୟ ନୁହେ । ୧୯୦୭ ମସୀହା ସୁଦ୍ଧା ବ ୫ ବର୍ଷ କାଳରେ ଗବର୍ଣ୍ଣମେଣ୍ଟ ଛାତ୍ରକୁ ବୃତ୍ତି ଦେଇ ବିଦେଶକୁ ନ ୧୫ ଜଣ ଛାତ୍ର ପଠାଇଅଛନ୍ତି ମାତ୍ର ତାହା ମଧ୍ୟରୁ ମୁସଲମାନ କେବଳ ଜଣେ ଅଟେ । ଏହା ପରିତାପର ବିଷୟ ଅଟେ ମୁସଲମାନମାନେ ଶ୍ରମ ଓ ଶିଳ୍ପରେ ମନୋଯୋଗୀ ହେଲେ ସୁଖର ବିଷୟ ହେବ । ତତ୍ପରେ ସଭାପତି ମହାଶୟ ବାଳକମାନଙ୍କ ଶିକ୍ଷାପର ସମଭାବରେ ବାଳିକାକୁ ଶିକ୍ଷା ଦେବା ସମୁଚିତ ବୋଲି କହି ହିନ୍ଦୁମାନଙ୍କ ପାରସିଙ୍କ ଅପେକ୍ଷା ମୁସଲମାନ ଛାତ୍ରୀ ସଂଖ୍ୟା ନିତାନ୍ତ କମ ଥିବା ଏବ ରମଣୀମାନେ ତୁର୍କିର ବେଗମଙ୍କୁ ସର୍ବତୋଭାବେ ଅନୁକରଣ କରିବାକୁ ଯତ୍ନଶୀଳା ହେବାର ପ୍ରକାଶ କଲେ । ଏ ସମିତି କେବଳ ଶିକ୍ଷାର ଉନ୍ନତି ହେତୁ ପ୍ରତିଷ୍ଠିତ ହୋଇଅଛି ଏବ ଏତଦ୍ୱାରା ମୁସଲମାନମାନଙ୍କ ମଧ୍ୟରେ ଶିକ୍ଷାର ସମଧିକ ବିସ୍ତାର ହେବାପକ୍ଷେ ସନ୍ଦେହ ହୋଇ ନ ପାରେ । ଶିକ୍ଷାହିଁ ସମସ୍ତ ଉନ୍ନତିର ମୂଳ ଏବ ଭାରତର ସମସ୍ତ ସମ୍ପ୍ରଦାୟର ଲୋକଙ୍କୁ ଶିକ୍ଷାର ଉନ୍ନତି କରିବା କାରଣ ଆମ୍ଭେମାନେ ଏକାନ୍ତ ଅନୁରୋଧ କରୁଅଛୁଁ । ବ୍ରହ୍ମ ସଙ୍ଘ୍ୟର ଷ୍ଟେଟଲାଟ ମହୋଦୟ ଏ ସଭାରେ ସମୁପସ୍ଥିତ ଥାଇ ସଭ୍ୟମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ

---

## ସମବାୟ ଋଣସମିତି ।

ଆମ୍ଭେମାନେ ଗତ ସପ୍ତାହରେ ଜଣାଇ ଅଛୁଁ ଯେ ଡୋମପଡ଼ା ଓ ବାଙ୍କିରେ ୧୨ ଟା ସମିତି ସ୍ଥାପିତ ହୋଇଅଛି । ସେଥିମଧ୍ୟରୁ ଆମ୍ଭମାନଙ୍କର କଲେକ୍ଟର ସାହେବ ପାଥପୁର, ଗୋପାଳପୁର ପାଟପୁର, ତରତଳା, ଓତ୍ରିଥ ଏବ ସୁବର୍ଣ୍ଣପୁରର ସମିତିମାନ ଦେଖିଥିଲେ । ସେଠାରେ ସମିତିମାନ ହେଉଁ ନାମରେ ପରିଚିତ ଆମ୍ଭେମାନେ ଠିକ୍ ଜାଣିପାରୁ ନାହୁଁ । ଅନୁମାନ ହୁଏ ସେ ସବୁ ପଞ୍ଚ ବୋଲି ପରିଚିତ କାରଣ ସଭାପତି ବା ପ୍ରଧାନ କର୍ମଚାରିଙ୍କ ନାମ ସରପଞ୍ଚ ହୋଇଅଛି । ସରପଞ୍ଚମାନଙ୍କର ହିସାବ ଧାରାମତେ ଲେଖାଯାଉଥିବା ଏବ ଅଙ୍କ ସବୁ ଠିକ୍ ଥିବାର ରେଜିଷ୍ଟ୍ରାର ମହାଶୟ ଆପଣା ରିପୋର୍ଟରେ ସନ୍ତୋଷପୂର୍ବକ ଲେଖିଅଛନ୍ତି । କଲେକ୍ଟର ସାହେବ ଲେଖିଅଛନ୍ତି ଯେ ଗୋପାଳପୁର ଓ ପାଥପୁର ପଞ୍ଚମାନ ଏହିବର୍ଷ ଯଥାକ୍ରମେ ଟ ୩୦୦୧ ଓ ଟ ୪୦୦୧ ଙ୍କା ପାଣ୍ଠିରେ ଆରମ୍ଭ ହୋଇଅଛି । ଏହି ଟଙ୍କା ବାବୁ ବିମଳାଚରଣ ମିଶ୍ର ଋଣ ଦେଇଅଛନ୍ତି । ସେ ବାର୍ଷିକ ଶତକଡ଼ା ଟ ୧୦୧ ଙ୍କା ସୁଧ ପାଇବେ ଓ ସମିତି ବା ପଞ୍ଚ ଶତକଡ଼ା ଟ ୧୫୧ ଙ୍କାରେ କରଜ ଦେବେ । ସୁତରାଂ ଶତକଡ଼ା ଟ ୫୧ ଙ୍କା ଲାଭ ରହିଲା । ମହାଜନଠାରୁ ଧାର ନେଲେ ଶତକଡ଼ା ଟ ୨୫ ରୁ ୩୦ ଯାଏ ସୁଧ ପଡ଼ନ୍ତା । ଏ ସମସ୍ତ ପଞ୍ଚକୁ ଏହା ବଙ୍ଗଳାର ଲୋକମାନେ ଟଙ୍କା ଋଣ ଦେଇଅଛନ୍ତି । ଏଥିରୁ ଜଣାଯାଉଛି କଲେକ୍ଟର ଯଥାର୍ଥ କହୁଅଛନ୍ତି ଯେ ଓଡ଼ିଶାର ଲୋକମାନେ ଟଙ୍କା ଲଗାଇବାର ସୁନ୍ଦର

Split by PDF Splitter
Digitized by srujanika@gmail.com

Split by PDF Splitter



ସୁଯୋଗ ଲୁଚ୍ଛା ହେଉଅଛନ୍ତି ଚେଣ୍ଡମଣ୍ଡା ପାଥ-ପୁରର କାର୍ଯ୍ୟ ଅତି ସରସ ହେଲା ନାହିଁ। ଆମ ହମାନେ ଋଣ ପରିଶୋଧରେ ସର୍ବଦା ତତ୍ପର ଏବଂ ସମିତି ଆପଣ ମହାଜନର ସୁଦ ଯଥାସମ-ୟରେ ଆଦାୟ କରୁଅଛି। ଯେଉଁ ସ୍ଥଳରେ କାର୍ଯ୍ୟ ହେଉଅଛି ତହିଁରୁ ଆଶା ହୁଅଇ ଏହି ସମିତି ଚେଣ୍ଡମଣ୍ଡା ମହାଜନରୁ କରଜ ନେଇ ଥିବା ୪୫୦୦୲ଙ୍କା ଶୀଘ୍ର ପରିଶୋଧ କରି ଉତ୍ପାଦରେ କାର୍ଯ୍ୟ କରିବ। ତରଡା ସମିତି ସରକାରରୁ ୫୩୦୦୲ଙ୍କା ଏବଂ ବଙ୍ଗାଳର ଜଣେ ମହାଜନଠାରୁ ଟ ୧୦୦୦୲ଙ୍କା ଋଣ ନେଇ କାର୍ଯ୍ୟ କରୁଅଛି। ଅଧିକାଂଶ ଧାର ଅନ୍ୟର ଦେଣର ପରିଶୋଧ ନିମନ୍ତେ ନିଆଯିବାର ଦେଖାଯାଏ। କଲେକ୍ଟର ସାହେବଙ୍କର ଏହି ମନ୍ତବ୍ୟର ସ୍ପଷ୍ଟ ପ୍ରକାଶ ଯେ ଅଳ୍ପ ସୁଧରେ ଟଙ୍କା-ଧାର କରିବାର ସୁବିଧା ପାଇ ସମିତି ସଭ୍ୟମାନେ ଅନ୍ୟ ମହାଜନର ଅଧିକା ସୁଧର ଦାୟରୁ ମୁକ୍ତି ପାଇବାର ଚେଷ୍ଟା କରୁଅଛନ୍ତି ଏବଂ ସମିତିର ଋଣ ପରିଶୋଧରେ ଯତ୍ନବାନ୍ ହୋଇ ତାହାର କାର୍ଯ୍ୟକାରିତା ବଢ଼ାଉଅଛନ୍ତି। ଏହା ସାମାନ୍ୟ ଉପକାର ନୁହେ। ପୁଣି ଏଥିରୁ ପରେ ଅନ୍ୟ ଓ ବଡ଼ ଉପକାରମାନ ଅଛି। ଯଥା ପାଞ୍ଚ ଜଣ ଏକ ଅନ୍ୟର ଦାୟକୁ ଆପଣାର ମୁଣ୍ଡରେ ନେବାହାର ସେହି ପାଞ୍ଚଜଣଙ୍କ ମଧ୍ୟରେ ସଦ୍ଭାବ ବଢ଼ୁଅଛି। ଆପଣା ଉପରେ ନିର୍ଭର କରିବାର ଶିକ୍ଷା ହେଉଅଛି ପରସ୍ପର ପ୍ରତି ବିଶ୍ୱାସ ଓ ସଦ୍ଭାବ ଜାଗ୍ରତ ହେଉଅଛି ଏବଂ ପାଞ୍ଚଜଣ ମିଳି ମିଶି କାର୍ଯ୍ୟ କଲେ କେତେ ମଙ୍ଗଳ ହୁଏ ତାହା ବୁଝିପାରୁଅଛନ୍ତି। ଯେଉଁ ସମବାୟ ଋଣ ସମିତି ଦେଶ ମଙ୍ଗଳର ମୂଳ ତାହା ଓଡ଼ିଶାରେ ଶୀଘ୍ର ବିସ୍ତାର କରିବା ସ୍ୱଦେଶ ହିତୈଷୀଙ୍କର ଏକାନ୍ତ କର୍ତ୍ତବ୍ୟ ଏହା ବୋଲିବା ବାହୁଲ୍ୟ। ଏକସ୍ଥାନରେ ଏଥିମଧ୍ୟରେ ସମିତି ସ୍ଥାପନ ହୋଇ ସଫଳ ହେବାର ଦେଖି ସଦ୍ୟ ତହିଁର ପ୍ରସାର ବିଳମ୍ବ ହେବା ଅଧିକ ଆଶ୍ଚର୍ଯ୍ୟର ବିଷୟ। ପରନ୍ତୁ ଯେ ସମସ୍ତ ସମିତି ପିଟିଅଛି ସେ ସମସ୍ତର ସହାୟ ଏହା ବଙ୍ଗଦେଶର ଲୋକ ଏହା ଓଡ଼ିଶାପ୍ରତି ଉଣା ନୁହେ କି? ବଙ୍ଗଦେଶରୁ ଉପରି ସାହାଯ୍ୟ ଆସିଲା ଏବଂ ଓଡ଼ିଶାବାସିମାନେ ତହିଁରେ ଉଦାସୀନ ରହିଅଛନ୍ତି ଆମ୍ଭେମାନେ ଠିକ୍ କହି ନ ପାରୁଁ। ବାସ୍ତବରେ ତହିଁର ଆଲୋଚନା କରନ୍ତୁ। ଯେଉଁ ଡେପୁଟିକଲେକ୍ଟର ଉଦ୍ଦେଶ୍ୟ କଲେକ୍ଟର ସାହେବ କରିଅଛନ୍ତି ସେ ଯେବେ ବାକିର ଡେପୁଟି କଲେକ୍ଟର ହେବେ ସେ ଆପଣା ଏଲାକାରେ ଏତେଗୁଡ଼ିଏ ସମିତି ସ୍ଥାପନଦ୍ୱାରା ସୁନାମ ଲାଭ-ହୋଇଥିବା ସ୍ଥଳେ ସେ ସମସ୍ତଙ୍କୁ ଅର୍ଥ ଯୋଗାଇବା ବିଷୟରେ ଓଡ଼ିଶାସିତ ବିଦେଶୀୟଙ୍କ ଲୋଭବା ଆଶ୍ଚର୍ଯ୍ୟ ବୋଧ ହେଉଅଛି। ସମ୍ଭବତଃ ସେ ଋଣସମିତି ପ୍ରସାର ଓ ପରିଦର୍ଶନ କାର୍ଯ୍ୟରେ ନିଯୁକ୍ତ ଥିବା ଡେପୁଟି କଲେକ୍ଟର ଅଟନ୍ତି ଏବଂ ବଙ୍ଗଦେଶର କେହି ବ୍ୟକ୍ତି ଏ ପ୍ରକାର ଋଣସମିତିରେ ଟଙ୍କା ଖଟାଇବାକୁ ଇଚ୍ଛୁକ ଥିବାର ଜାଣିଥିବାରୁ ସଙ୍କଳ କରିଦେଇଅଛନ୍ତି। ଫଳେ ବଙ୍ଗାଳୀଦ୍ୱାରା ଓଡ଼ିଶାର ଏ ଉପକାର ହେଲେ ମାନିବାକୁ ହେବ।

---

## ଉତ୍କଳସମ୍ମିଳନୀ ଓ ଇଞ୍ଜିନିୟର ବୃତ୍ତି।

ଏଥି ପୂର୍ବେ ଓଡ଼ିଶାର ଜଣେ ଛାତ୍ର ଶିବପୁର ଅଥବା ରୁରକି ଇଞ୍ଜିନିୟରିଂ କଲେଜରେ ପଢ଼ାଇବା ପ୍ରସଙ୍ଗରେ ଓଡ଼ିଶା ବିଭାଗର କମିଶନର ଉତ୍କଳ ସମ୍ମିଳନୀକୁ ଲେଖିବାରେ ସମ୍ମିଳନୀର ସମ୍ପାଦକ ଉତ୍ତର ଦେଲେ କି ଯେବେ ସରକାର ମାସକୁ ଟ ୨୫୲ଙ୍କା ବୃତ୍ତି ଦେବାକୁ ସମ୍ମତ ହେବେ ତେବେ ସମ୍ମିଳନୀ ମାସକୁ ଟ ୨୫୲ଙ୍କା ଦେବେ ଯେ ମୋଟ ଟ ୫୦୲ଙ୍କା ମାସିକ ବୃତ୍ତିରେ ଜଣେ ଉତ୍କଳୀୟ ଛାତ୍ର ଉପରଲିଖିତ କୌଣସି କଲେଜରେ ପଢ଼ିପାରିବ। ସରକାର ଏ ପ୍ରସ୍ତାବ ଗ୍ରହଣ କଲେ ଏବଂ ଜଣ ଛାତ୍ର ଶିକ୍ଷାଧାର୍ଯ୍ୟ ପଢ଼ିବାର ମୋଟ ବ୍ୟୟ ମଧ୍ୟରୁ ସମ୍ମିଳନୀର ଅଂଶ ଟ ୭୨୦୲ଙ୍କା ଏକାବେଳେ ସମ୍ମିଳନୀ ଦେବାକୁ ପ୍ରସ୍ତୁତ ଅଛନ୍ତି। ଏ ପରେ ପ୍ରତିବର୍ଷ ଏହି ନିୟମରେ ଗୋଟିଏ ଛାତ୍ର ବୃତ୍ତିର ବ୍ୟୟର ଅଂଶ ଯୋଗାଇବାର ଚେଷ୍ଟା କରିବେ, ଯେତେବେଳେ ସମ୍ମିଳନୀ ଏ ପ୍ରସ୍ତାବ ପଠାଇଲେ ସେତେବେଳେ ବଙ୍ଗ ଶିକ୍ଷା ବିଭାଗର ଡାଇରେକ୍ଟର ପଶ୍ଚାତ୍ପଦ ଜାତି ଯଥା କନ୍ଧାଣି ଓଡ଼ିଆ, ମୁସଲମାନ ଏବଂ ଆଦିମ ଜାତୀୟ ଲୋକଙ୍କୁ ବିଶେଷ ବୃତ୍ତି ଦେଇ ଶିବପୁର ଇଞ୍ଜିନିୟରିଂ କଲେଜରେ ପଢ଼ାଇବା ତଥା ବସ୍ତିର କରି ପ୍ରତିବର୍ଷ ପ୍ରତ୍ୟେକ ଜାତିରୁ ଗୋଟିଏ ଇଞ୍ଜିନିୟରି ଓ ୨ଟା ଓଭରସିୟର ଓ ସବ ଓଭରସିୟର ବୃତ୍ତି ଦେବା କାରଣ ଗବର୍ଣ୍ଣମେଣ୍ଟରେ ପ୍ରସ୍ତାବ କଲେ। ଗବର୍ଣ୍ଣମେଣ୍ଟ ଅନ୍ୟ ଜାତିର କଥା ପଛକୁ ରଖି ବର୍ତ୍ତମାନ ଓଡ଼ିଶା ସକାଶେ ଯାହା ମଞ୍ଜୁର କରିଅଛନ୍ତି ତାହା ପାଠକମାନଙ୍କ ଜଣା ଅଛି। ସମ୍ମିଳନୀ ଯାଚିବା ଟ ୭୨୦୲ ସମ୍ବନ୍ଧରେ ଶିକ୍ଷାବିଭାଗର ଡାଇରେକ୍ଟର ଲେଖିଲେ କି ମାସକୁ ୫ ୨୦୲ଙ୍କା ବୃତ୍ତିରେ ଏକ ଜଣ ଇଞ୍ଜିନିୟର ଛାତ୍ରର କେବଳ କଲେଜ ବେତନ ଓ ବସାଖର୍ଚ୍ଚ ନିର୍ବାହ ହେବ। ମାତ୍ର ଯିବା ଆସିବା ପୁସ୍ତକ ଓ ଯନ୍ତ୍ରାଦି କିଣିବା ସକାଶେ ପ୍ରାୟ ତେତିକି ଟଙ୍କା ଦରକାର ଏବଂ ସମ୍ମିଳନୀ ଟ ୭୨୦୲ଙ୍କା ଦେଲେ ତହିଁର ବ ୩ ବର୍ଷର ବ୍ୟୟ ନିର୍ବାହ ହେବ। ତଦନୁସାରେ ଗବର୍ଣ୍ଣମେଣ୍ଟ ସେହି ଟ ୭୨୦୲ଙ୍କା ଗ୍ରହଣ କରିବାର ମଞ୍ଜୁର କରିଅଛନ୍ତି। ଏବଂ ସେ ଟଙ୍କା ପଠାଇବା ପାଇଁ ସମ୍ମିଳନୀକୁ ପତ୍ର ଆସିଅଛି ଏଥିକୁ ଗବର୍ଣ୍ଣମେଣ୍ଟ ଏହି ବୃତ୍ତି ଦାନ ସମ୍ବନ୍ଧୀୟ ଘୋଷଣାପତ୍ରରେ କେବଳ ଓଡ଼ିଆ ଜାତିର ଛାତ୍ରଙ୍କୁ ତାହା ଦେବାର ନିୟମ ହୋଇଅଛି ଏବଂ ଏହାର ଅର୍ଥ ଭିନ୍ନ ଭିନ୍ନ ଲୋକଙ୍କର କଥା ଚିନ୍ତା ଥାଉ କର୍ତ୍ତୃପକ୍ଷମାନେ ସ୍ୱୀକାର ଭିନ୍ନ ପ୍ରକାର କରୁଅଛନ୍ତି ଏପରି ମତଭେଦ ନୂତନ ନୁହେ ମାତ୍ର କେତେକାଳରୁ ହୋଇ ଆସୁଥିବାର ଦେଖି ସମ୍ମିଳନୀ ଓଡ଼ିଆ ପଦବର୍ତ୍ତରେ ନିର୍ଦ୍ଦିଷ୍ଟ ଶବ୍ଦ ବ୍ୟବହାର କରି ସମାଜର ନାମ ଉତ୍କଳସମ୍ମିଳନୀ ଦେଇଅଛନ୍ତି ଏବଂ "ଯେଉଁମାନଙ୍କର ମାତୃଭାଷା ଓଡ଼ିଆ ଏବଂ ଯେଉଁମାନଙ୍କର ମାତୃଭାଷା ଓଡ଼ିଆ ନ ହେଲେହେଁ ଯେଉଁମାନେ ଓଡ଼ିଶାର ସ୍ଥାୟୀ ଅଧିବାସୀ ଅଟନ୍ତି ସେମାନେ ଉତ୍କଳୀୟ" କହିଅଛନ୍ତି। ଯେବେ ଗବର୍ଣ୍ଣମେଣ୍ଟଙ୍କ ବ୍ୟବହୃତ ଓଡ଼ିଆ ଛାତ୍ର ଅର୍ଥ ସମ୍ମିଳନୀର ସଂଜ୍ଞାନୁସାରେ ଉତ୍କଳୀୟ ଛାତ୍ର ହୁଏ ତେବେ ସମ୍ମିଳନୀର ଯାଚିତ ଅର୍ଥ ଦାନ କରିବାରେ କିଛି ବାଧା ନାହିଁ ନଭୁବା ଉତ୍କଳୀୟଙ୍କଠାରୁ ସଂଗୃହୀତ ଅର୍ଥ ସମ୍ମିଳନୀ ଏକ ସମ୍ପ୍ରଦାୟର ହିତାର୍ଥେ ବ୍ୟୟ କରି ନ ପାରନ୍ତି। ଏହି ବିଷୟର ବିଚାର ସକାଶେ ଗତ ରବିବାର ସକାଳେ ଏଠା ଟାଉନ ହଲରେ ଉତ୍କଳସମ୍ମିଳନୀର କେନ୍ଦ୍ର ସମିତିର ଏକ ଅଧିବେଶନ ହୋଇଥିଲା। କେତେକ ତର୍କ ବିତର୍କ ପରେ ଅଧିକାଂଶ ମତରେ ଧାର୍ଯ୍ୟ ହେଲା ଯେ ଉପରଲିଖିତ ପ୍ରତିବନ୍ଧକ ଦୃଷ୍ଟିରେ ବୃତ୍ତି ପାଇବା ଯୋଗ୍ୟ ଓଡ଼ିଆ ଜାତିର ସମ୍ବନ୍ଧୀୟ ନିୟମ ପୁନର୍ବିଚାର କରିବାକାରଣ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରାଯାଉ। ଏ ପ୍ରସଙ୍ଗରେ ଡାଇରେକ୍ଟର ମହୋଦୟ ଯେ ପ୍ରସ୍ତାବ କରିଥିଲେ ତହିଁରେ ଓଡ଼ିଶାରେ ଘର କରି ରହିଥିବ ( domiciled ) ବଙ୍ଗାଳିଙ୍କ ମଧ୍ୟରୁ ମୁସଲମାନ ଛଡ଼ା ଆଉ ସମସ୍ତ ଅଯୋଗ୍ୟ ବୋଲି ସ୍ପଷ୍ଟ ଲେଖିଥିଲେ ମାତ୍ର ବୃତ୍ତିବିଷୟର ବିଜ୍ଞାପନର ନିୟମାବଳୀରେ ତାହା ସ୍ପଷ୍ଟ ନ ଥିବାରୁ ବୋଧ ହୁଅଇ ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ କରି ନାହାନ୍ତି ମାତ୍ର ଓଡ଼ିଆ ଜାତି ( race )ର ନାନା ଅର୍ଥ ବାହାରୁଅଛି। ଗବର୍ଣ୍ଣମେଣ୍ଟ ତହିଁର ପ୍ରକୃତ ଅର୍ଥ ବୁଝାଇ ଦେବା ଆବଶ୍ୟକ।

---

Digitized by srujanika@gmail.com

Split by PDF Splitter



### ସମ୍ମିଳିତ ବ୍ୟବସ୍ଥାପକ ସଭା।

ନୂତନ ନିୟମାନୁଯାୟୀ ସମ୍ମିଳିତ ବଙ୍ଗୀୟ ବ୍ୟବସ୍ଥାପକ ସଭାର ପ୍ରଥମ ଅଧିବେଶନ ଗତପୂର୍ବ ସୋମବାରଦିନ ଲେପ୍ଟେନାଣ୍ଟ ମହୋଦୟଙ୍କ ଆଲିପୁରସ୍ଥ ଅବାସଙ୍କ ସଲଗ୍ନ ଦରବାର ଘରେ ହୋଇଥିଲା। ଠିକ୍ ୧୧ଟା ସମୟରେ ଲେପ୍ଟ-ଲାଟ ମହୋଦୟ ଦରବାର ଘରେ ପ୍ରବେଶ କଲାରୁ ତାଙ୍କର ଆଦେଶମତେ ସଭ୍ୟମାନେ ଶପଥ ଓ ପ୍ରତିଜ୍ଞା ପତ୍ରରେ ସ୍ୱାକ୍ଷର କଲେ। ରାୟ ସୀତାନାଥରାୟ ବାହାଦୁର ଛଡ଼ା ଅନ୍ୟ ସମସ୍ତ ସଭ୍ୟ ସେଦିନ ଉପସ୍ଥିତ ଥିଲେ। ମାନ୍ୟବର ଲେପ୍ଟେନାଣ୍ଟ ମହୋଦୟ ଗାତ୍ରୋତ୍ଥାନପୂର୍ବକ ସଭ୍ୟମାନଙ୍କ ସମ୍ବୋଧନ କରି କହିଲେ ଯେ ଗତ ଛଅବର୍ଷ ଯେଉଁ ନୂତନ ଶାସନପ୍ରଣାଳୀର ଆନ୍ଦୋଳନ ଲାଗିଥିଲା ଏବେ ତାହାର ପ୍ରଥମ ଅଧିବେଶନ ଦେଖି ବିଶେଷ ଆନନ୍ଦ ଜାତ ହୋଇଅଛି। ଗତମାସରେ ନିର୍ବାଚନ ସକାଶେ ଆନ୍ଦୋଳନର ତହଲ ପଡ଼ିଯାଇଥିଲା ଏବଂ ଲୋକେ ସମସ୍ତାହିତ ହୋଇ ଗଭୀରଭାବ ନିର୍ବାଚନରେ ଯୋଗ ଦେଇଥିବା ତଥା ସଭ୍ୟପଦର ପ୍ରାର୍ଥୀମାନେ ଆପଣା ପକ୍ଷର ମତ ସଂଗ୍ରହରେ ଯଥାସାଧ୍ୟ ପରିଶ୍ରମ କରିଥିବା ପ୍ରତୀତ ହୋଇଅଛି। ନିର୍ବାଚିତ ସଭ୍ୟଗଣର ପଦ ସାମାଜିକ ମର୍ଯ୍ୟାଦା, ଯୋଗ୍ୟତା ଓ ବହୁଦର୍ଶିତା ପ୍ରତି ଦୃଷ୍ଟିପାତ କଲେ ଏ ସଭା ଏଥିପୂର୍ବ କୌଣସି ସଭାରୁ ନିକୃଷ୍ଟ ନୁହେ ଏବଂ ୨୬ ଜଣ ନିର୍ବାଚିତ ସଭ୍ୟମଧ୍ୟରେ ଇତିପୂର୍ବେ ସଭ୍ୟ ସ୍ୱରୂପ କାର୍ଯ୍ୟ କରିଥିବା ୧୮ ଜଣ ନିର୍ବାଚିତ ହେବା ବିଶେଷ ସୁଖର ବିଷୟ। ସଭା ସଙ୍ଗଠନର ନିୟମାବଳୀ ପ୍ରତି ସମ୍ବାଦପତ୍ରରେ ଏବଂ ଅନ୍ୟାନ୍ୟ ନାନାପ୍ରକାର ସମାଲୋଚନା ହୋଇଅଛି ଏବଂ କେତେକ ସମାଲୋଚନା ଅଯୌକ୍ତିକ ଅଟେ। ସେ ହେବାର ଯୋଗୁଁ ଏ ବିଷୟରେ କିଛି କହିବେ କାରଣ ଗୋଟିକରେ ତାଙ୍କର ସହାନୁଭୂତି ଅଛି ଏବଂ ଅନ୍ୟଟି ତାଙ୍କର ଅନୁମୋଦିତ ନୁହେ। ପ୍ରଥମତଃ ଶିକ୍ଷିତ ଲୋକମାନଙ୍କୁ ବାହାର କରିଦେବା ଉଦ୍ଦେଶ୍ୟରେ ନିୟମମାନ ସଙ୍ଗଠିତ ହୋଇଥିବାର କଥା ବାହାର ଅଛି। ଏଥିରୁ ପୂର୍ବ ନିୟମାନୁସାରେ ଜିଲ୍ଲାବୋର୍ଡ ବା ମିଉନିସିପାଲିଟି ନିର୍ବାଚନ କରିବାହେତୁ ପ୍ରଧାନ ନଗରରେ ବାସ କରୁଥିବା ଲୋକେ ଅଧିକାଂଶ ମନୋନୀତ ହେଉଥିଲେ। ତାହା ହେବେ ମନ୍ଦ ହୋଇ ନ ଥିଲେହେଁ ବର୍ତ୍ତମାନ ନିୟମାନୁସାରେ ଗ୍ରାମ୍ୟ ଲୋକେ ନିର୍ବାଚିତ ହେବେ ଏବଂ ତାହା ଅଧିକ ବାଞ୍ଛନୀୟ। ଅବଶ୍ୟ ନୂତନ ନିୟମାନୁଯାୟୀ କେତେକ ଉଚ୍ଚଶିକ୍ଷିତ ଏବଂ ମର୍ଯ୍ୟାଦାବନ୍ତ ବହୁଦର୍ଶୀ ଲୋକ ରହିଯାଇ ଅଛନ୍ତି ମାତ୍ର ନିୟମାବଳୀର ଏମନ୍ତ ଫଳ ହେବବୋଲି ପୂର୍ବେ ଜଣାଯାଇ ନ ଥିଲା। ଆଶା ଅଛି ପୁନର୍ବାର ନିର୍ବାଚନର ସମୟ ହେବାସରିକେ ବହୁଦର୍ଶିତା ଯୋଗେ ତାହା ପରିବର୍ତ୍ତିତ ହୋଇଥିବ। ଦ୍ୱିତୀୟତଃ ସଦସ୍ୟ ସକଳଙ୍କ ମଧ୍ୟରୁ ବେସରକାରୀଙ୍କ ସଂଖ୍ୟା ଅଧିକ ହୋଇଥିଲେହେଁ ଏମନ୍ତ କଥା ଉଠିଅଛି ଯେ ସେମାନଙ୍କ ମଧ୍ୟରୁ କେତେକ ଲୋକେ ସରକାରଙ୍କ ପକ୍ଷ ନେବେ, ସୁତରାଂ ଅଧିକ ସଂଖ୍ୟା ନାମମାତ୍ର ହୋଇଯିବ। ଏ କଥା ବାରମ୍ବାର ବୋଲାଯାଇ ନ ଥିଲେ ସେତେ ଗୁରୁତର ହୋଇ ନ ଥାନ୍ତା। ମାତ୍ର ଏବେ ସରକାରୀ ସଭ୍ୟ ସରକାରଙ୍କ ବିରୋଧୀ ବୋଲି ଧରି ନେବା ଉଚିତ ନୁହେ। ତାହାହେଲେ କୌଣସି କାର୍ଯ୍ୟ କରିବା ସମ୍ଭବ ହେବ ନାହିଁ। ଯେତେବେଳେ କୌଣସି ବିଷୟ ସରକାର ପକ୍ଷରୁ ସଭାରେ ପଠିତ ହେବ ବେସରକାରୀ ସଭ୍ୟମାନଙ୍କ ମଧ୍ୟରୁ ଯେଉଁମାନଙ୍କୁ ସେ କଥା ଭଲ ଲାଗିବ ସେମାନେ ସରକାର ପକ୍ଷରେ ଅବଶ୍ୟ ମତ ଦେବେ। ବେସରକାରୀ ହେଲେ ବୋଲି ଯେ ସରକାରଙ୍କ ସବୁ କଥାରେ ସେ ସମସ୍ତଙ୍କର ବିରୋଧ ଥିବ ଏମନ୍ତ କଳ୍ପନା କରିବା ଅନ୍ୟାୟ ଏବଂ ତାହା ହେଲେ ବିଜ୍ଞସଭାରେ ସୁବିଧା କାର୍ଯ୍ୟ ଚଳିବ ନାହିଁ। ସେ ଭରସା କରନ୍ତି ସେ କଥା ଆଉ ଉଠିବ ନାହିଁ। ଯେଉଁ ଶାସନ ନୀତିରେ ବେସରକାରୀ ସଭ୍ୟ ସରକାରଙ୍କ ବିରୋଧୀ ହେବାର ଆଶା ଥିଲା ତାହା ଗତ ହୋଇଅଛି। ଏଣିକି ବେସରକାରୀ ସଭ୍ୟମାନେ ନିରପେକ୍ଷଭାବେ ଆପଣା ସ୍ୱାଧୀନ ମତରେ ଏଇ ସରକାରଙ୍କ କଥା ସମର୍ଥନ କରିବାର ସେ ଆଶା କରନ୍ତି। ଏହି ଶାସନନୀତି ବର୍ତ୍ତମାନ ନୂତନ ଅଟେ ଏବଂ ସେ ଭରସା କରନ୍ତି ଯେ ସଭ୍ୟମାନେ ସମଧିକ ଯୋଗ୍ୟତା ସହିତ କାର୍ଯ୍ୟ କଲେ ଭବିଷ୍ୟତରେ ଲୋକ ସାଧାରଣଙ୍କ ସ୍ୱାୟତ୍ତ ଶାସନର ଅଧିକତର ଅନେକ ସମ୍ପ୍ରସାରଣ ହେବ। ମାନ୍ୟବର ଲାଟ ମହୋଦୟଙ୍କ ବକ୍ତୃତା ଶେଷ ହେଲାରୁ କଲିକତା ପୁଲିସ ଆଇନ, ଗେଜ଼େଟେଶ ଆଇନ, ବନ୍ଦର ସଂକ୍ରାନ୍ତ ଆଇନ, ବଙ୍ଗଳାର ମିଉନିସିପାଲିଟିର ଆଇନ ସଂଶୋଧନ ସମ୍ବନ୍ଧୀୟ ପାଣ୍ଡୁଲିପିମାନ ଆଦି ଓ ବିଶେଷ କମିଟିକୁ ଅର୍ପିତ ହେଲା। ଏଥି ଉତ୍ତାରୁ ସରକାରୀ ସଭ୍ୟମାନେ ଦରବାର ଘରୁ ଅନ୍ତର ହୋଇଗଲେ ଏବଂ ବେସରକାରୀ ସଭ୍ୟମାନେ ବଡ଼ଲାଟ ସଭାକୁ ସଦସ୍ୟ ପଠାଇବା ନିର୍ବାଚନରେ ଯେ ଯାହାର ମତ ଦେଲାରୁ ଦେଖାଗଲା ଯେ ଶ୍ରୀଯୁକ୍ତ ଭୂପେନ୍ଦ୍ରନାଥ ୧୮ ଟି, ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ସିଂହ ୧୬ ମହାରାଜା କାଶିମବଜାର ୧୪ ମହାରାଜା ଦରଭଙ୍ଗା ୭ ଓ ମହାରାଜା ଗିଧୋର ୫ଟା ଭୋଟ ପାଇଲେ। ସୁତରାଂ ଶ୍ରୀଯୁକ୍ତ ଭୂପେନ୍ଦ୍ରନାଥ ବୋଷ ଓ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ସିଂହ ନିର୍ବାଚିତ ହେଲେ। ପରେ ବଙ୍ଗୀୟ ବ୍ୟବସ୍ଥାପକ ସଭାର ଅର୍ଥ କମିଟିର ସଭ୍ୟ ନିର୍ବାଚନ ହେଲା ଏବଂ ତହିଁରେ ଭୂପେନ୍ଦ୍ରନାଥ ବୋଷ, ବର୍ଦ୍ଧମାନର ମହାରାଜା, ଶ୍ରୀଯୁକ୍ତ ଅପକାର, ଶ୍ରୀଯୁକ୍ତ ସାହେବ ରାୟ, କିଶୋରୀଲାଲ ଗୋସ୍ୱାମୀ ବାହାଦୁର ଏବଂ ମହାରାଜା କାଶିମବଜାର ଅଧିକ ଭୋଟ ପାଇ ମନୋନୀତ ହେଲେ। ଆଗାମୀ ଅଧିବେଶନ ସକାଶ ଏହି ମାସ ତା ୨୮ ରଖ ନିରୂପିତ ହୋଇ ଏ ଦିନର କାର୍ଯ୍ୟ ଶେଷ ହେଲା।

### ଉତ୍କଳବାର୍ତ୍ତାଙ୍କ ଓଡ଼ିଆ ପ୍ରୀତି।

ଆମ୍ଭେମାନେ "ସରକାରଙ୍କ ଓଡ଼ିଆ ବାତ୍ସଲ୍ୟ" ନାମକ ପ୍ରବନ୍ଧଟି ଗତ ପୂର୍ବସଂଖ୍ୟାରେ ପ୍ରକାଶ କରିଥିବାରୁ ତାହା ଦେଖି ଆମ୍ଭମାନଙ୍କର ସହଯୋଗୀ ଉତ୍କଳବାର୍ତ୍ତା ଉତ୍ତର ପତ୍ର ଗତସଂଖ୍ୟାରେ ଆମ୍ଭେମାନେ ଓଡ଼ିଆଙ୍କ ପ୍ରତି ବିଦ୍ୱେଷଭାବ ଅବଲମ୍ବନ କରିଥିବାର ବୁଝି ଏକ ପ୍ରବନ୍ଧ ପ୍ରକାଶ କରିଅଛନ୍ତି। ଦୁଃଖର ବା ଆମ୍ଭମାନଙ୍କର ସ୍ୱଭାବ ନୁହେ ମଧ୍ୟ ସେ ବିଷୟ ନାହିଁ। ଯେତେବେଳେ ଆମ୍ଭେମାନେ ଉତ୍କଳରେ ବଙ୍ଗଭାଷା ନ ଚଳି ଓଡ଼ିଆ ଭାଷା ଚଳିବାପାଇଁ ଘୋର ପ୍ରତିବାଦ କରୁଥିଲୁଁ ସେତେବେଳେ ଆମ୍ଭେମାନେ ଓଡ଼ିଆ ଶବ୍ଦର ଯେଉଁ ଅର୍ଥ ବୁଝିଥିଲୁଁ ଏତେବେଳେ ସୁଦ୍ଧା ସେହି ଅର୍ଥ ବୁଝୁଅଛୁଁ। ସରକାର ଓଡ଼ିଆଙ୍କ ପ୍ରତି ବାତ୍ସଲ୍ୟ ଦେଖାଇବାରୁ ଯାଇ ଏକଶ୍ରେଣୀକ ଲୁଚ ଦେଉଥିବାରୁ ଆମ୍ଭେମାନେ ତାଙ୍କର କାର୍ଯ୍ୟର ସମାଲୋଚନା କରିଥିଲୁଁ। ଆମ୍ଭେମାନେ ପୂର୍ବେ ଓଡ଼ିଆଙ୍କ ମଧ୍ୟରେ ଯେଉଁ ଶ୍ରେଣୀଭୁକ୍ତ ଥିଲୁଁ ଏତେବେଳେ ମଧ୍ୟ ସେହି ଶ୍ରେଣୀଭୁକ୍ତ ଅଛୁଁ ଏବଂ ଯେତେବେଳେ ଯେଉଁ ବଙ୍ଗାଳିଙ୍କ ସଙ୍ଗେ ଓଡ଼ିଆଭାଷାର ପ୍ରଚଳନ ସେନ ପ୍ରତିବାଦ ଚଳିଥିଲା ଏତେବେଳେ ସୁଦ୍ଧା ସେହି ବଙ୍ଗାଳିମାନେ ଓଡ଼ିଆ ନ ଥାଇ ବଙ୍ଗାଳି ଅଛନ୍ତି। ମାତ୍ର ଉତ୍କଳର ସ୍ଥାୟୀ ଅଧିବାସୀ ବଙ୍ଗାଳିମାନେ ଯେ ବଙ୍ଗାଳି ନ ଥାଇ ଓଡ଼ିଆ ଅଟନ୍ତି ତାହା ସେତେବେଳେ ଆମ୍ଭେମାନେ ବୁଝିଥିଲୁ ଏବଂ ଏତେବେଳେ ସୁଦ୍ଧା ବୁଝୁଅଛୁଁ ଏବଂ ଏହି ଅର୍ଥ ଉତ୍କଳ ସମ୍ମିଳନୀଦ୍ୱାରା ପରିଗୃହୀତ ହୋଇଅଛି। ଉତ୍କଳର କଲ୍ୟାଣନିମିତ୍ତ ସମସ୍ତ ଉତ୍କଳବାସିଙ୍କ ସକାଶେ ଯେମନ୍ତ ଏକ ନିୟମ ହେବା ଉଚିତ ସେମନ୍ତ ସକଳ ଉତ୍କଳବାସିଏ ଏକତା ସୂତ୍ରେ ଆବଦ୍ଧ ହୋଇ ପରସ୍ପର ସହାନୁଭୂତିରେ ଉନ୍ନତି ଆଡ଼କୁ ଅଗ୍ରସର ହେବା କର୍ତ୍ତବ୍ୟ। ଯଦି ଉତ୍କଳର ଏକଶ୍ରେଣୀ ଅପରକୁ ପର ଭାବରେ ଦେଖିବେ କଦାପି ଦେଶର ମଙ୍ଗଳ ହେବ ନାହିଁ ଏବଂ

Digitized by srujanika@gmail.com

Split by PDF Splitter



ରାସ୍ତାରେ କୌଣସି ଅଦ୍ଭୁତ ଦୁର୍ଘଟନା ହେଉ ଏ ପ୍ରକାର ହୋଇଥିବ । ମାତ୍ର ଶୀଘ୍ର ମୋର ସନ୍ଦେହ ଭଞ୍ଜନ ହେଲା । ଗାଡ଼ି କ୍ରମେ ନିକଟବର୍ତ୍ତୀ ହେଲା । ଦେଖିଲି ଗାଡ଼ି ପଛରେ ଅଶ୍ୱସ୍ଥଳେ ( ଭଦ୍ରଜାତୀୟ ) ମନୁଷ୍ୟ—ଭଦ୍ର ଦୁଇ ଏକ ଜଣ କନଷ୍ଟେବଲ ଏବଂ ଜଣେ ସବ୍‌ଓଭରସିୟର ବାବୁ ବସି ଅଛନ୍ତି । ଅନୁସନ୍ଧାନରେ ବୁଝିଲି, ଖାଲୁଟି କଟକ ଡିଷ୍ଟ୍ରିକ୍ଟ ବୋର୍ଡ଼ର ଜଣେ ଉଚ୍ଚ କର୍ମଚାରୀ । ଗସ୍ତରେ ଏହିରୂପେ ଓଡ଼ିଆ ଭ୍ରାତମାନଙ୍କ କାନ୍ଧରେ ଶସ୍ତାରେ ଯାଉ ନଥିନ୍ତି ! ଯେଉଁ ଦେଶରେ ମନୁଷ୍ୟ - ଘଟ ଏତେ ଶସ୍ତା ସେ ଦେଶରେ ଶୃଙ୍ଖଳ ଚକ୍ରର ଲୋକ କାହିଁକି ଅରବୀ ଟଟ୍ଟୁ ରଖି ଖରଚ ବଢ଼ାଇବେ ? ଓଡ଼ିଶାରେ ଗଉଡ଼ ବାଉରିମାନେ ପାଲିଙ୍କି ବହନ କରିବାର ଏବଂ ଦାର୍ଜିଲିଂ, ସିମଲା ପ୍ରଭୃତି ପାର୍ବତ୍ୟ ପ୍ରଦେଶ ମାନଙ୍କରେ ପାର୍ବତ୍ୟ ଜାତିର ଲୋକେ ପଥିକମାନଙ୍କୁ ପିଠିରେ ପକାଇ ବହନ କରି ନେଇ ଯିବାର ଶୁଣା ଥିଲା ! ମାତ୍ର କୌଣସି ଦେଶର ଲୋକେ ଘୋଡ଼ାପରି ଶଗଡ଼ ଗାଡ଼ି ଟାଣିବାର ଦେଖା ବା ଶୁଣା ନ ଥିଲା । ଏବେ ପ୍ରତ୍ୟକ୍ଷ ହେଲା । ଏହି ଘଟଣା ପରେ ମୋର ଦିବ୍ୟ ଚକ୍ଷୁ ଫିଟିଲା । ମୁଁ ବୁଝିପାରିଲି ଉତ୍କଳର ଉନ୍ନତି କେଉଁଠାରେ ! ଏଣିକି କେବେ ମେଣ୍ଢାର ଘୋଡ଼ାରେ ଯିବଣ ! ଓ ଚଢ଼ିବ ଗଢ !! ବୋଧହୁଏ ଏହି—ଅଦ୍ଭୁତ ଉନ୍ନତି ଦେଖି "ଉତ୍କଳ ସମ୍ମିଳନୀ" ଆପଣାର ଲୀଳା ସାଙ୍ଗ କଲେକି !

୮।୧।୧୦ } ଜଣମତ ବାଟୋଇ

☞ ଆମ ଟକର ସନ୍ୟରେ ମନୁଷ୍ୟ ଘୋଡ଼ାର ସ୍ଥାନ ନିଅ ଛଅଲ ଗାଡ଼ିଟାଣିବା ପ୍ରଥା ଦେଖିବାର ଶୁଣାଯାଉ । ଏ ଜିଲ୍ଲାରେ ପକ୍କା ସଡ଼କ ନାହିଁ ଓ ଜିଲ୍ଲା ବୋର୍ଡ଼ର ସଡ଼କରେ ସେପରି ଉନ୍ନତି ଦୃଷ୍ଟି ନାହିଁ । ସୁତରାଂ ଗାଡ଼ିଟଣା ଦ୍ୱାରା ଦୁସ୍ଥ କଟିବା ଏକ ଉପାୟ ହେବ ପଥର ତୋଳିବାକୁ ହେବ । ସଂ ୧

## ( ଧରାକୋଟରେ ନବଦୁର୍ଗାର ପୂଜା )

ମହାଶୟ !

ସାଧାରଣଙ୍କୁ ଅବଗତ ଅଛି ଯେ । ଗଞ୍ଜାମ ଜିଲ୍ଲାନ୍ତର୍ଗତ ନୂଆଗଡ଼ର ରାଜା ଶ୍ରୀ ନାରାୟଣସିଂହ ମାନଧାତା ମହୋଦୟ ଧରାକୋଟର ବର୍ତ୍ତମାନ ରାଜାଙ୍କ ଜନ୍ମଦାତା ଅଟନ୍ତି । ଅତଏବ ତଥା ସେହି ନବଦୁର୍ଗାଧୀଶ୍ୱର ମହୋଦୟ ଏବଂ ତାହାଙ୍କ (ଧରାକୋଟ ଓ ନୂଆଗଡ଼ ରାଜାଙ୍କ) ଅଗ୍ରଜ ଶ୍ରୀ ଗୋପୀନାଥସିଂହ ମହୋଦୟ ଗତ ତା ୧୫ ରଖ ଦଶହରା ବାବଦରେ ଏଠାକୁ ଶୁଭାଗମନ କରିଥିଲେ ତାହାଙ୍କୁ ପାଛୋଟି ଆଣିବାପାଇଁ ଧରାକୋଟର ଶ୍ରୀମାନ୍ ରାଜା ଏବଂ ଯୁବରାଜମହୋଦୟ କାଶୀକୁ ଯାଇଥିଲେ । ରାଜାଦ୍ୱୟ ଯୁବରାଜ ରାଜଗୃହ ପ୍ରଭୃତି ପ୍ରାଚୀନ ରାଜପଣ୍ଡିତ, ଛତ୍ର, ଚାମର, କାହାଳୀ ପ୍ରଭୃତି ମହା ସମାରୋହର ସହ ରାଜଧାନୀ ପ୍ରତି ଶୁଭାଗମନ କରିବା ସମୟେ ପ୍ରାୟ ୧୦ ସହସ୍ର ଲୋକର ସମାଗମ ହୋଇଥିଲା ଏବଂ ରାଜପଥର ଉଭୟପାର୍ଶ୍ୱରେ ନାନାରଙ୍ଗର ପତାକା ଏବଂ ଗ୍ରାମରେ ଉତ୍ସବ ସହ ( ନବଦୁର୍ଗାଧୀଶ୍ୱରଙ୍କ ଶୁଭାଗମନ ) ଏହିକଥା ବୃହତ୍ ଅକ୍ଷରରେ କାଗଜରେ ଲେଖାହୋଇ ଟଙ୍ଗା ହୋଇଥିବାରୁ ରାଜପଥ ଅପୂର୍ବ ଶୋଭା ଧାରଣ କରୁଥିଲା । ପଟୁଆରରେ ୨ଗୋଟି ବୃଷାଶୀବା ନର୍ତ୍ତକୀଦଳ ନର୍ତ୍ତନ କରୁଥିବା ସମୟେ ଫୋଟକା ବାଣ ଫୁଟା ହେଉଥିବାରୁ ଅଧିକ ଶୋଭା ହେଉଥିଲା । ରାଜାଦ୍ୱୟ ଅସ୍ତ ୬ ଘଣ୍ଟା ସମୟେ ରାଜ ପ୍ରାସାଦରେ ପ୍ରବେଶ ଲାଭ କରିଥିଲେ । ଅତଃପର ତା ୧୯ ରଖ ରାତ୍ର ଉଭୟ ରାଜାଙ୍କ କାର୍ଯ୍ୟମାନରେ ରାଜପ୍ରାସାଦରେ ଗୋଟିଏ ସଭା ହୋଇଥିଲା । ସଭାରେ ନବଦୁର୍ଗାଗଡ ପଣ୍ଡିତ ଶ୍ରୀ ପୁରୁଷୋତ୍ତମ ତର୍କାଲଂକାର କବିରାଜ ଲହୁଟେଶ୍ୱର ମହାପାତ୍ର ଏବଂ ବଳ ଅଷ୍ଟଦୁର୍ଗାଧୀଶ୍ୱରଙ୍କ ଯନ୍ତ୍ରକୁମାର ଜନ୍ମ ଶୁଭସମ୍ବାଦ ଏଠା ରାଜାଙ୍କୁ ଜଣାଇବାକୁ ଆସିଥିବା ଜଗଦ୍ଦେବ ପଣ୍ଡିତ ଏଠାର ପଣ୍ଡିତ ଶ୍ରୀ ବାସୁଦେବ ମହାପାତ୍ର ତର୍କାଲଂକାର "ଜ୍ଞାନ ଦର୍ପଣ"ର ସମ୍ପାଦକ ସାମନ୍ତ ଶ୍ରୀ ଚନ୍ଦ୍ରମଣି ମହାନ୍ତି ଶ୍ରୀ ଦୟାନିଧି ଦାଶ ପ୍ରଭୃତି କେତେକ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ । ଶ୍ରୀ ନବଦୁର୍ଗାଧିପଙ୍କ ଏଠା ପ୍ରଜାଙ୍କ ପକ୍ଷରୁ ଦିଆଯିବା ଅଭିନନ୍ଦନ ପତ୍ର ଏଠା ପଣ୍ଡିତ ତର୍କାଲଂକାର ସ୍କୁଲ ପକ୍ଷରୁ ଦିଆଯିବା ଅଭିନନ୍ଦନପତ୍ର ଦୟାନିଧି ଦାଶ ପାଠ କରିଥିଲେ ଅତଃପର ନାନାଦି ଶାସ୍ତ୍ରର ଆଲୋଚନା ହୋଇ ତାମ୍ବୁଲରେ ସନ୍ତୋଷକ ସଭା ଭଙ୍ଗ ହେଲା । ରାଜାଦ୍ୱୟ ଏହିପରି ସଭା ଏବଂ ଶିକ୍ଷାର ପ୍ରଭୃତି ଉନ୍ନତି କରି ଉତ୍ସାହ ପ୍ରକାଶ କରିଥିଲେ । ଅତଃପର ଗତ ତା ୨୪ ରିଖ ଦିନ ନବାଗତ ରାଜାମହୋଦୟ ସପରିବାରରେ ସ୍ୱସ୍ଥ ଅନ୍ତଃକରଣେ ଯାତ୍ରା କରିଅଛନ୍ତି । ରାଜସିଂହାସନାରୋହଣ କରି ଏପରି ଗୁଣଗ୍ରାହିତା ଥିବା ଅବଶ୍ୟ ଆନନ୍ଦର କଥା ନୁହେଁ କି ? ଶ୍ରୀ ପରମେଶ୍ୱର ଏହିପରି ରାଜତିଳକ ସର୍ବଦା ଉତ୍କଳରେ ଲଗାଇ ଥାନ୍ତୁ । ଏବଂ ଉଭୟ ରାଜାଦ୍ୱୟଙ୍କୁ ଚିରାୟୁ ପ୍ରଦାନ କରନ୍ତୁ ଏହି ବାଞ୍ଛା ।

ଆପଣଙ୍କର
ଶ୍ରୀ ଶ୍ୟାମସୁନ୍ଦର ଦାଶ
ଗୋସ୍ୱାମୀ } ଧରାକୋଟ
ସୁନ୍ଦରଗ୍ରାମ
୨୫।୧୨।୦୯

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ମଦନମୋହନ ପାଣି | କୃଷ୍ଣପୁର | ଟ ୧ ( |
| ମୁନସି ମହମଦ ମିଆଁ | କଟକ | ଟ ୩ ( |
| ବାବୁ ଜମାଦାର ପ୍ରହ୍ଲାଦସିଂହ ଦେଓ | ସମ୍ବଲପୁର | ଟ ୩ ( |
| " ପରଶୁରାମ ମହାନ୍ତି | ବାଙ୍କି | ଟ ୩ ( |
| " ବାଳକୃଷ୍ଣ ରଥ | ସୁକିନ୍ଦା | ଟ ୨ ( |
| ମୁନ ସ. ଜନ ମହମ୍ମଦ | ନୟାଗଡ଼ | ଟ ୩ ( |
| ଶ୍ରୀ ମହାରାଜା । ବ । ସୋନପୁର | | ଟ ୩ ( |
| ବାବୁ ସଦେଇ ବଳେଇ | କାଡ଼ | ଟ ୩ ( |
| " ଦେବାନନ୍ଦ ମିଶ୍ର | କଟକ | ଟ ୩ ( |
| ମହନ୍ତି ଧନଦୁଲ ହାଜିର | କଟକ | ଟ ୧ ( |
| ବାବୁ ଦାମୋଦର ପଟ୍ଟନାୟକ | କଟକ | ଟ ୧ ( |
| " ରାଧାନାଥ ଘୋଷ | କଟକ | ଟ ୧ ( |
| " ସୁନ୍ଦର ଦାସ | ସୁନାହାଟ | ଟ ୧ ( |
| " ଦତ୍ତପଥ ରାମ ପଟ୍ଟନାୟକ | ରଣପୁର | ଟ ୩ ( |
| " ନନ୍ଦକିଶୋର ମାଳଂହାର | ରାଜପୁର | ଟ ୩ ( |
| " ଶ୍ରୀକୃଷ୍ଣସିଂହ | ସାରଙ୍ଗଡ଼ | ଟ ୩ ( |
| " ବୃନ୍ଦାବନ ରଥ | ମଳଗିରି | ଟ ୩ ( |
| " ଦାଶରଥି ମହାପାତ୍ର | କାଡ଼ | ଟ ୧ ( |
| " ହରେକୃଷ୍ଣ ଦାସ | ବାଲେଶ୍ୱର | ଟ ୨ ( |
| " ଗୋପୀମୋହନ ଦତ୍ତ | ବାରଙ୍ଗ | ଟ ୧ ( |
| " ରଘୁନାଥ ମିଶ୍ର | ପଞ୍ଚପଡ଼ା | ଟ ୧ ( |
| " ଉଦୟନାଥ ସିଂହ ଦଳ | ବାହିପୁର | ଟ ୩ ( |
| " ଧନୁର୍ଦ୍ଧର ମାଝି | ବାଉଡ଼ା | ଟ ୩ ( |
| " ହେଡମାଷ୍ଟର ଅପରଲ ଇଂରାଜୀ ସ୍କୁଲ ବାଲେଶ୍ୱର | | ଟ ୨ ( |
| " ପଦ୍ମଚରଣ ଦାସ | କଟକ | ଟ ୫ ( |
| ମନସି ମେନ୍ଦ୍ରୀବକ୍ସ ଓଭରସିଅର | ବ୍ରାହ୍ମଣପୁର | ଟ ୩ ( |

## ନିଲାମୀ ଇସ୍ତାହାର ।

ନ ୬୬୫ ନମ୍ବର ଡି:

ସନ ୧୯୦୯ ସାଲ ।

କଟକ । ମୁ । ୨ୟ ମୁନସଫଙ୍କ ଅଦାଲତ

ନକୁଳ ସାହୁ । ସା । ନାଉପାଟଣା । ପ୍ର । ବାନ୍ଧ- ବିଶ ଡି:

ବନାମ ।

ଜଗନ୍ନାଥ ବଶେଇ ଓଗେର । ସା । ନାହାଲପୁର । ପ୍ର । ମହ୍ଲଦର ଦେ: ଦାରେ

ଉପରଲିଖିତ ନମ୍ବର ଡିକ୍ରିଜାରି ମୋକଦମାରେ ଡିକ୍ରିଦାରଙ୍କର ପାଉଣା ଟ ୨୧୯/୩ ଆଦାୟ ସକାଶେ ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସିହା ଜାନୁଆରି ମାସ ତା ୧୫ ରଖେ ନିଲାମ ହେବ ।

ଜିଲ୍ଲା କଟକ ସ: ରେ: । ମୁ । ସାଲେପୁର ଥାନା ର । ପ୍ର । ସୁଲୁଦାର ନ ୩୨୪୬ ନମ୍ବର ତ: । ଗା । ନାହାଲପୁର । ମୌ । ନାହାଲପୁର ଉକ୍ତବାରେ ଥିବା ସ୍ଥିତିବାନ ଖାଜାନା ବାର୍ଷିକ ମା ୩।୨୦୫ ରୁ ଅଦସ୍ତ ଜମା ଟ ୨୫।୬ ପାଇଁ ମଧ୍ୟରୁ ନ ୧ ନମ୍ବର ପ୍ରତିବାଦୀର ଅଂଶର ଦେବ ମା ୦।୧୯। ରୁ ମଶ୍ଚୋଟ ଜମା ଟ ୧୫/ ଓ ଉକ୍ତ ମୌଜାରେ ଥିବା ପ.ହ ସ୍ଥିତିବାନ୍ ରକ୍ଷାସ ମା ୧।୨।୧।୨୫ ରୁ ଜମା ଟ ୩୩/ ମଧ୍ୟରୁ ୧ନମ୍ବର

Digitized by srujanika@gmail.com

Split by PDF Splitter



## NOTICE.

Wanted an Oriya Graduate L. T. for the Lower Secondary school Mandasa. Salary Rs 50 to Rs 60 with future prospects

Sri Sri Srinivas Deo
Yuvaraja of Mandasa.
14-1-1910

## WANTED.

A Sub-Overseer. Pay Rs 50 per month with a fixed allowance of Rs 15 None need apply who has not passed the Final Survey exmination of the Cuttack survey school and has not at least 10 years' experience in the P.W. Department and does not know English well. Applications will be received till 30th instant.

Nayagarh State 19-1-1910 } G. Mahanti Superintendent.

## ବିଜ୍ଞାପନ

ଯେହେତୁ ଏ ରାଜ୍ୟର ନିମ୍ନଲିଖିତ ଜଙ୍ଗଲ ଜାତଦ୍ରବ୍ୟ ସବୁର କାଣ୍ଟ୍ରାକ୍ଟ ଠିକାପଟ୍ଟା ଦିଆଯିବାର ପ୍ରସ୍ତାବ କରାଯାଇ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନଙ୍କର ନିମ୍ନଲିଖିତ ତାଲିକାରୁ କୌଣସି ଦ୍ରବ୍ୟର ଠିକା ନେବାକୁ ଇଚ୍ଛା ଥାଏ ସେମାନେ ରସିଦ ଦ୍ୱାର ସମ୍ବନ୍ଧରେ ଆସନ୍ତା ଫେବୃୟାରୀମାସ ତା ୧୫ ରିଖ ସୁଦ୍ଧା ସ୍ୱୟଂ ଉପସ୍ଥିତ ହୋଇ ଅଥବା ପତ୍ରଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ଆବେଦନ କରି ପାରିବେ ।

ଉତ୍ତ ତା ୮ । ୧ । ୧୯୧୦ ମସିହା

ଉପସିଲ

| | |
|---|---|
| ୧ ମହୁ | ୫ ଝୋଟଲ |
| ୨ ମହମ | ୬ ସୁନାରଛେଲ |
| ୩ ହରଡ଼ା | ୭ କମଳାଗୁଣ୍ଡି |
| ୪ ବାହାଡ଼ା | ୮ ଲାଖ |
| | ୯ ଝୁଣା |

Kasinath Mahanty
for
ଦେୱାନ । ବୌଦ

## ନୋଟିସ ।

ମୟୂରଭଞ୍ଜ ଷ୍ଟେଟ ଅନ୍ତର୍ଗତ ବାରିପଦା ୧୪ ଡାଃର ସର୍ଭେ ଓ ସେଟଲମେଣ୍ଟ କାର୍ଯ୍ୟନିମନ୍ତେ ନିମ୍ନଲିଖିତ କର୍ମଚାରୀ ଆବଶ୍ୟକ । ଆବେଦନକାରୀମାନେ, ୨୨ ପ୍ରଶଂସାପତ୍ରସହ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ଜାନୁଆରୀମାସ ତା ୩୧ ରିଖପର୍ଯ୍ୟନ୍ତ ଦରଖାସ୍ତ ପ୍ରେରଣ କରିବେ ଯେଉଁମାନଙ୍କର ଉକ୍ତ କାର୍ଯ୍ୟରେ ପୂର୍ବ ଅଭିଜ୍ଞତାଥିବ ସେମାନଙ୍କ ଦାବୀ ଅଗ୍ରେ ବିବେଚନା କରାଯିବ ।

ଉପସିଲ

୧ । କେଡେଷ୍ଟ୍ରଲ ଓ ଖୋକାପତ୍ର ଜାଣିଥିବା ଅମିନ ଜ ୫୦ ଣ ( ଠିକା ରେଟ କେଡେଷ୍ଟ୍ରାଲ କାର୍ଯ୍ୟ ସତ୍ତାଣ ଏ ୧୦୦ ଢରଲୁ ଟ ୩୫ ଏବଂ ଖୋକାମୃତ୍ତ କାର୍ଯ୍ୟ ସତ୍ତାଣ ସୁ ୧୦୦ ଟଲୁ ୧୫।୵)

୨ । ଓଡ଼ିଆ ଜଣାବ ଜାଣିଥିବା ଅମିନ ଜ ୪୦ ଣ ( ଉକ୍ତ ଓଡ଼ିଆ ଅମିନମାନେ ଦୈନିକ ହିସାବରେ ଏବଂ ଜମି ମା୧୨ଣ ଜମା କାମ ଏବଂ ଜମି ମା୬୦ଣ ମାପ କରିପାରିଲେ ମାସିକ ଟ୧୫୯ ବେତନ ପାଇବେ )

୩ । ଓଡ଼ିଆ ଜଣାବ ଜାଣିଥିବା ଉନସ୍ପେକ୍ଟର ମାସିକ ଟ ୩୦୯ ବେତନର ଜ ୩ ଣ ।

୪ । ଓଡ଼ିଆ ଜଣାବ ପାର୍ଯ୍ୟସତ୍ତାଣ ମାସିକ ଟ ୨୦୯ ଙ୍କା ବେତନର ଢାକନବୋ ଜ ୧ ଣ

ତା ୧୫।୧।୧୦ ସାଲ

D. D. Bhaduri

ମୋଃ ଅଃ କରଞ୍ଜିଆ ଷ୍ଟେଟ୍ ମୟୂରଭଞ୍ଜ } ସେଟଲମେଣ୍ଟ ଅଫିସର ବାରିପଦା

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଗାଙ୍ଗପୁର ଷ୍ଟେଟ ଅନ୍ତର୍ଗତ ନାଗର ଜମିଦାରୀସ୍ଥିତ ବେଙ୍ଗଲ ନାଗପୁର ରେଲଓ୍ୱେର ପାନପୋଷ ଷ୍ଟେସନ ନିକଟବର୍ତ୍ତୀ ବେଦବ୍ୟାସ ନାମକ ସ୍ଥାନରେ ଆଗାମୀ ଫେବୃଏରୀ ମାସର ତା ୧୯ ରିଖଠାରୁ ମାର୍ଚ୍ଚ ମାସର ତା ୧୦ ରିଖ ପର୍ଯ୍ୟନ୍ତ ଏକ ମେଳା ଓ କୃଷି ଏବଂ ଶିଳ୍ପସମ୍ବନ୍ଧୀୟ ପ୍ରଦର୍ଶନୀ ଉତ୍ଥାପନ କରାଯିବ । ଏହି ସ୍ଥାନରେ ମହର୍ଷି ବେଦବ୍ୟାସ ଜନ୍ମ ଗ୍ରହଣ କରିଥିଲେ । ଏହି ମେଳାରେ ନାନା ପ୍ରକାର ପଦାର୍ଥ କ୍ରୟ ଓ ବିକ୍ରୟ କରାଯିବ ଅତଏବ ମହାଜନ ଓ ଯାତ୍ରୀମାନଙ୍କର ରହିବା ନିମନ୍ତେ ମେଳାର କମିଟୀମେମ୍ବରମାନଙ୍କର ପକ୍ଷରୁ ଆବଶ୍ୟକୀୟ ସୁବିଧା ପ୍ରସ୍ତୁତ କରାଯାଉଅଛି । ଏହି ପ୍ରଦର୍ଶନୀରେ ଦେଖାଇବା ନିମନ୍ତେ ଯେଉଁମାନେ ପଦାର୍ଥ ପଠାଇବାକୁ ଇଚ୍ଛା କରନ୍ତି ସେମାନଙ୍କୁ ଏତଦ୍ଦ୍ୱାରା ଅନୁରୋଧ କରାଯାଉଅଛି ଯେ ସେମାନେ ଆଗାମୀ ଫେବୃଏରୀ ମାସର ତା ୨୫ ରିଖର ପୂର୍ବରୁ କମିଟୀର ସେକ୍ରେଟରୀଙ୍କର ନିକଟକୁ ପଦାର୍ଥ ପଠାଇ ପାରିବେ ଓ ଯେଉଁମାନଙ୍କର ପଦାର୍ଥ ସର୍ବୋତ୍କୃଷ୍ଟ ବିବେଚନା କରାଯିବ ସେମାନଙ୍କୁ ନଗଦ ଟଙ୍କା ପୁରସ୍କାର ତମ୍ଘା ଓ ସାର୍ଟିଫିକେଟ୍ ଦିଆଯିବ ଅତଏବ ଯେ କେହି ଏହି ମେଳା ତଥା ପ୍ରଦର୍ଶନୀ ସମ୍ବନ୍ଧରେ କୌଣସି ବିଷୟ ଜାଣିବାକୁ ଇଚ୍ଛା କରନ୍ତି ସେ ଗାଙ୍ଗପୁର ଷ୍ଟେଟ ମେନେଜର ବାବୁ ଅନନ୍ତ ପଟେଲ ତଥା ଡାକ୍ତର ଚୈତନ୍ୟ ପ୍ରସାଦ ଦେଙ୍କୁ ନିମ୍ନଲିଖିତ ଠିକଣାରେ ପତ୍ର ଲେଖିଲେ ତାହା ଜାଣି ପାରିବେ ।

ତା ୧୩—୧—୧୦

ଚେୟାର ଏଣ୍ଡ୍, ଓ, ହ୍ୟୁଫିକ୍ ପ୍ରେସିଡେଣ୍ଟ୍
ଶ୍ରୀମାନ୍ ଅନନ୍ତ ପଟେଲ ମେନେଜର ବାବୁ
ଗାଙ୍ଗପୁର ଷ୍ଟେଟ ପୋ: ଅ: ପାନପୋଷ
ବେ: ନା: ରେ:
ଶ୍ରୀମାନ୍ ଚୈତନ୍ୟ ପ୍ରସାଦ ଦେ ଡାକ୍ତର
ଗାଙ୍ଗପୁର ଷ୍ଟେଟ ସେକ୍ରେଟରୀ : ପାନପୋଷ
ବେ: ନା: ରେ:
ଶ୍ରୀଯୁକ୍ତ ନବଘନ ଦାସ ସବଓଭରସିୟର ମେମ୍ବର
„ ଗୋଷ୍ଠବିହାରୀ ପାଲଭାସବ୍ ଇନ୍ସ୍ପେକ୍ଟର „
„ ନିଧିରାମ ମହାଜନ ମେମ୍ବର ଶ୍ରୀମାନ୍ ସାହୁ
ଗିରମହାଜନ ମେମ୍ବର-

# ଉତ୍କଳ ଦୀପିକା ।

## AGRICULTURAL AND INDUSTRIAL EXHIBITION.

The Exhibition at Jajpur was opened yesterday afternoon and will last till 2nd Proximo. We have seen the Programme. It seems no pains have been spared to make the Show attractive. Fire-works, Bioscope, Jatra, Gramophone, Boys' dance and sports have been provided for. These will no doubt contribute to the amusements of the people who will visit the Show, but much of its success will depend on the agricultural and weaving demonstrations and lectures for which we are glad to notice, provisions have been made. It is no good holding these exhibitions unless arrangements are made for practical demonstrations. In an agricultural country the utility of an agricultural Show is unquestionable; but mere Show will not have the desired effect in this country. The grandeur of the Show may dazzle the people for a time but will never leave on them a lasting impression. The object of the District Exhibitions and Shows is to impart education to the people in their own home as to what can be done in a certain line of business by adopting improved methods and appliances. It must be always borne in mind that these exhibitions are not mere *tamashas* meant for recreation and to contribute to the mirth and merriment of sight-seers. District or local exhibitions ought to have in view the local products, the means of improving them and the way in which they can be best utilised. The local requirements should also be carefully studied. The local exhibitions should therefore be restricted in their scope and should not imitate the grand Provincial Exhibitions.

Digitized by srujanika@gmail.com

Attention should be concentrated on certain definite objects the improvement of which is sought to be attained. We would ask the land-holders and others interested in the agricultural and industrial development of the country to attend the exhibition and try to profit by the practical demonstrations that may have been arranged for them.

---

ଗତ ତା ୧୩ ରଖରେ ଶେଷହେବା ସପ୍ତାହରେ କଲିକତା ବରିଶାଲ ଓ ଦାର୍ଜିଲିଙ୍ଗରେ ପ୍ରାୟ ୧.୫ ଇଞ୍ଚ ଲେଖାଏଁ ଦେଉଗଡ଼ ଓ ଯୋର ନଗରେ ଏକଇଞ୍ଚ ଏବଂ ଅନ୍ୟାନ୍ୟରେ ୩୮ ସେଣ୍ଟିମିଲ ବର୍ଷା ହୋଇଥିଲା । ଉତ୍ତର ପଶ୍ଚିମ ପ୍ରଦେଶ ଏବଂ ପୂର୍ବବଙ୍ଗର ଅନ୍ୟ କେତେକ ସ୍ଥାନରେ ସାମାନ୍ୟ ବର୍ଷା ଥିଲା ।

---

ଗତ ତା ୮ ରଖରେ ଶେଷ ହେବାସପ୍ତାହରେ ଭାରତରେ ପ୍ଲେଗ ରୋଗ ମୃତ୍ୟୁ ୧୦୫୧୫ ହୋଇଥିଲା ଯେ ତହିଁ ମଧ୍ୟରେ ବମ୍ବେରେ ୮୮୬ ବଙ୍ଗ ୧୦୧୩ ଯୁକ୍ତ ପ୍ରଦେଶ ୫୪୩୧ ପଞ୍ଜାବ ୧୪୨୧ ଓ ମଧ୍ୟପ୍ରଦେଶ ୧୧୯୮ ମୃତ୍ୟୁ ଘଟିଥିଲା । ବଙ୍ଗର ମୃତ୍ୟୁ ପ୍ରାୟ ସମସ୍ତ ବିହାର ପ୍ରଦେଶରେ ଘଟିଥିଲା । ଏଥିରୁ ଦେଖାଯାଏ ଯେ ବିହାରଠାରୁ ଉତ୍ତର ପଶ୍ଚିମ ପଞ୍ଜାବପର୍ଯ୍ୟନ୍ତ ରୋଗର ପ୍ରସ୍ତ ବଢ଼ିଅଛି । ପୂର୍ବସପ୍ତାହ ସୁଦ୍ଧା ମୋଟ ମୃତ୍ୟୁ ୭୫୨୯ ଥିଲା ।

---

କଟକ ଜିଲା ଗଡ଼ିଆ ଲୋକଙ୍କ ଅଞ୍ଚଳ ଓ ରଘୁନାଥ ବାଲେଶ୍ୱର ମୌଜାବ୍ରୟର ସର୍ଭେ ଓ ସ୍ୱତ୍ୱଲିପି ପ୍ରସ୍ତୁତ ହେବ ମର୍ମରେ ବିଜ୍ଞାପନ ଗତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ସର୍ଭେ ଓ ସ୍ୱତ୍ୱଲିପିରେ ଯେଉଁସବୁ ବିଷୟ ଲିପିବଦ୍ଧ ହେବ ସେଥିରେ ବିଶେଷ ଉକ୍ତ ଗେଜେଟରେ ପ୍ରଦତ୍ତ ହୋଇଅଛି ।

---

ମାନ୍ୟବର ଅଣା ଖାଁ ଟାଟା କମ୍ପାନିଙ୍କ ସାହାଯ୍ୟ ପାଣ୍ଠିରେ ଗୃହ ହଜାର ଟଙ୍କା ଦାନ କରିଅଛନ୍ତି ଏବଂ ସେହି ସାହାଯ୍ୟକମିଟିର ଜଣେ ସଭ୍ୟ ହେବାକୁ ସମ୍ମତ ହୋଇଅଛନ୍ତି । ସେ ଏ ସମ୍ବନ୍ଧରେ କହିଅଛନ୍ତି ଯେ ଟ୍ରାନ୍ସଭାଲର ଅତ୍ୟାଚାରିତ ଭାରତବାସୀଙ୍କର ସାହାଯ୍ୟ କରିବା ଭାରତବାସୀମାନଙ୍କର ସର୍ବାଗ୍ରେ କର୍ତ୍ତବ୍ୟ ଅଟେ । ଏ ପର୍ଯ୍ୟନ୍ତ ସେହି ସାହାଯ୍ୟ ପାଣ୍ଠି ସକାଶେ ୫୭୫୬୭ ଟଙ୍କା ସଂଗ୍ରହ ହୋଇଅଛି ।

---

ମାନ୍ଦ୍ରାଜ ପ୍ରେଜିଡେନ୍ସିର ଗଞ୍ଜାମ ଜିଲ୍ଲାନ୍ତର୍ଗତ ଘୁମୁସର ତାଲୁକା ଚିକଣାପାର ଜମିଦାରର ଅଜନ୍ତ୍ରପୁର ଓ ରେଡ଼୍ଡ଼ୀରାଜ ଗ୍ରାମରେ ୧.୭୬୮ ଜମି ଓ ବାଗାବର ଓ ଗୌରିପୁର ଗ୍ରାମର ୦.୪୯୦ ଏକର ଜମି ଓ ଖଣ୍ଡି ଗୁଜନାର କୁଲୁଟା, ଅଣାଉଣା, ପାହାଣା ଓ ହୁରୁଡ଼ା ଗ୍ରାମର ୩୭୮୦ ଏକର ଜମି ଓ ମଧ୍ୟ ଗୋଟିଏ ହେଉଥିବାର ଜାଣିପାରି ଜମିଦାରୀର ଗ୍ରାମ ଯୁକ୍ତିଗରବାର ସାହାଯ୍ୟର ୧.୮୯୪ ଜମି ସାଧାରଣ କାର୍ଯ୍ୟସକାଶେ ସରକାର ଗ୍ରହଣ କରିବାର ଅବଶ୍ୟକ ମର୍ମରେ ବିଜ୍ଞାପନ ଗତ ମାନ୍ଦ୍ରାଜ ଗେଜେଟରେ ପ୍ରକାଶିତ ହୋଇଅଛି । କଟକ ଜିଲାର ଅନ୍ତର ହେଲେ ଗାଣାପାଳନମନ୍ତେ ଜମି ନିଆଯିବାର ବିଜ୍ଞାପନ ବାହାରୁଅଛି ଏଥିରୁ ଜଣାଯାଏ ଯେ ଗାଳ ବ୍ୟାପାରପ୍ରତି ସରକାରଙ୍କର ବିଶେଷ ଦୃଷ୍ଟି ପଡ଼ିଅଛି ସୁଖର ବିଷୟ ।

---

ବଙ୍ଗଗବର୍ଣ୍ଣମେଣ୍ଟ ଗତ ତା ୫ ରଖରେ ବିଜ୍ଞାପନ ଦେଇଅଛନ୍ତି କି ବାଲେଶ୍ୱର ମିଉନିସିପାଲିଟିର କମିଶନରମାନେ ବାର୍ଷିକ ଶତକଡ଼ା ୩ ଟଙ୍କା ସୁଦରେ ସରକାରଙ୍କ ଠାରୁ ୫୦୦୦ ଟଙ୍କା ଋଣ ନେବା ଓ ଛ ମାସ ଅନ୍ତର ଏକ ୨ କିସ୍ତିରେ ଟ ୮୯୨୭୯ ଲେଖାଏଁ ଅସଲ ସୁଦ ସମସ୍ତ ଟଙ୍କା ଆଦାୟ କରିବାର ପ୍ରାର୍ଥନା କରିବାରେ ମାନ୍ୟବର ଲେଫ୍ଟନାଣ୍ଟଗବର୍ଣ୍ଣର ସେ ପ୍ରାର୍ଥନା ମଞ୍ଜୁର କରିବାକୁ ଇଚ୍ଛା କରିଅଛନ୍ତି । ବାଲେଶ୍ୱର ମିଉନିସିପାଲିଟିରେ ଏହି ବିଜ୍ଞାପନ ପ୍ରଚାର ହେବା ତାରିଖଠାରୁ ଏକମାସ ମଧ୍ୟରେ ଏହି ପ୍ରାର୍ଥନା ବିରୁଦ୍ଧରେ ଉତ୍ତମ କାରଣ ପ୍ରଦର୍ଶିତ ନ ହେଲେ ସେହି ଋଣ ମଞ୍ଜୁର କରିବେ । ଅନେକଦିନ ପରେ ପ୍ରକାଶ ଯେ ଅନ୍ତତଃ ଏହି ମେମାହିତ ଆନାନ୍ଦ ଟିକସରୁ ଟିକସ ଦାତାଏ ଅସୁବିଧା କହିବା ଏବଂ ଉତ୍ତମ ଅର୍ଥସ୍ୱାସ୍ଥ୍ୟ ଲକ୍ଷ୍ୟ ରଖିବାହେଲୁ ଋଣ କରିବାର ଆବଶ୍ୟକ ହୋଇଅଛି ।

---

ବମ୍ବେଇର ତାର ସମ୍ବାଦରୁ ଅବଗତ ହେଲୁ ଯେ ମହରମ ପର୍ବ ଉପସ୍ଥିତ ହେବାରୁ ବମ୍ବେଇର ପୋଲିସ କମିଶନର ଆଦେଶ ପ୍ରଚାର କରିଅଛନ୍ତି କି ସେହି ପର୍ବର ଚାରି ଦିନ ପର୍ଯ୍ୟନ୍ତ ଗତ ମଙ୍ଗଳବାରଠାରୁ ଆଜି ଶନିବାର ଦିନରେ ରାତି ଆଠ ଘଣ୍ଟିରେ ପଡ଼ିବାପର୍ଯ୍ୟନ୍ତ ବିଶେଷ ଅଧିକାର ପାଇବା ଦୋକାନ ଛଡ଼ା ବମ୍ବେଇ ସହରର ଅନ୍ୟ ସମସ୍ତ ବିଲାତୀ ଓ ଦେଶୀ ମଦ ଦୋକାନ ବନ୍ଦ ରହିବ । ପୂର୍ବେ କେବଳ ଦୁଇ ଦିନ ଏ ଦୋକାନମାନ ବନ୍ଦ ରହୁଥିଲା । ମାତ୍ର ଶାନ୍ତିରକ୍ଷାର ସୁବିଧାନିମନ୍ତେ ପାଞ୍ଚଦିନ ବନ୍ଦ କରିବାର ଆଦେଶ ହୋଇଅଛି । ଦୋକାନୀ ପୂର୍ବରୁ ଦୁଇଦିନ ବନ୍ଦ ରଖିବା କାରଣ ଆବେଦନ କରିଥିଲେ ମାତ୍ର ପୋଲିସ କମିଶନର ମହୋଦୟ ତାହା ଗ୍ରାହ୍ୟ କରି ନାହାନ୍ତି । ଆମ୍ଭମାନଙ୍କ ବିବେଚନାରେ ଏହି ନିୟମ ଭାରତର ସକଳ ସହରରେ ହେବା ଉଚିତ । ମହରମ ତଥା ଅନ୍ୟାନ୍ୟ ପର୍ବରେ ମଦ ଦୋକାନ ବନ୍ଦ ହେଲେ ଅଶାନ୍ତି ଓ ଦଙ଼୍ଗା ହଙ୍ଗାମା ଅନେକ ପରିମାଣ ବନ୍ଦ ହେବ ସନ୍ଦେହ ନାହିଁ ।

---

ଖବରକାଗଜରୁ ସମ୍ବାଦ ପାଉଅଛୁ ଯେ ଉତ୍କଳ କାଉର ଉନ୍ନତି ସାଧନ ନିମନ୍ତେ ମାନନୀୟ ମାନ୍ଦ୍ରାଜଗବର୍ଣ୍ଣମେଣ୍ଟ ମହୋଦୟ ଧଳଦେଉ ଧୀଶ୍ୱର ମହୋଦୟଙ୍କ ସଭ୍ୟ ପଦରେ ମନୋନୀତ କରିଥିବା ଯୋଗୁଁ ମହାରାଜା ମହୋଦୟ କାଉର ହିତୋପକାରେ ଗଞ୍ଜାମ ଓଡ଼ିଆ ଛାତ୍ରବୃତ୍ତି ପାଣ୍ଠିକୁ ଏକକାଳୀନ ୨ହଜାର ଟଙ୍କା ପ୍ରଦାନ କରିବାକୁ ସ୍ୱୀକାର କରିଅଛନ୍ତି । ପୁଣି ଗତ ତା ୧୧ ରଖରେ ରାଜା ମହୋଦୟ ଦରିଦ୍ର ନରଙ୍କ ଅନ୍ନ ଭୋଜନ ଦେଇ ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇଅଛନ୍ତି । "ସମ୍ବାଦଦାତା ଲେଖିଅଛନ୍ତି କି ମହାରାଜା ମହୋଦୟଙ୍କର ଏହି ଉଚ୍ଚଜ୍ଞାନ ଦାନ ସକାଶେ ଆମ୍ଭେମାନେ ରାଜା ମହୋଦୟଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରୁଅଛୁଁ । ମହାରାଜା ମହୋଦୟ ସୁସ୍ଥଶରୀରରେ ଦୀର୍ଘଜୀବୀ ହୋଇ ଜାତୀୟ ହିତକାମନାରେ ବ୍ରତ ହୋଇ ଥାନ୍ତୁ ଏହାହିଁ ଆମ୍ଭମାନଙ୍କର ଆନ୍ତରିକ କାମନା । ଭରସା କରୁ ଉତ୍କଳର ସମସ୍ତ ରାଜା, ଜମିଦାର ଓ ଅପର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଏହିପରି ଅନୁଷ୍ଠାନସମୂହରେ ଯୋଗଦାନ ବିଷୟରେ ଯଥେଷ୍ଟ ଉତ୍ସାହ ପ୍ରଦାନ କରି ଧନ୍ୟବାଦାର୍ହ ହେବେ ।

---

ଯେ କଟକର କୃଷି ଓ ଶିଳ୍ପ ପ୍ରଦର୍ଶନୀ ଗତ କାଲି ଅପରାହ୍ନରେ ପଟିବାର ସ୍ଥିର ହୋଇଥିଲା । ତଦନୁସାରେ କାର୍ଯ୍ୟ ହୋଇଥିବା ୪ଠାରୁ କମିଶନର ଓ କଲେକ୍ଟର ସାହେବ ଉପସ୍ଥିତ ଥିଲେ । ଅନେକ ଭଦ୍ରଲୋକଙ୍କ ଆଗମନ ହୋଇଥିଲା । ବିସ୍ତାରିତ ବିବରଣ ଆଗାମୀରେ ପ୍ରକାଶ କରିବୁଁ । ଏହି ପ୍ରଦର୍ଶନୀ ଆସନ୍ତା ତା ୨୮ ରଖ ପର୍ଯ୍ୟନ୍ତ ଖୋଲା ରହିବ ଆଜ ଫଳ ଓ ଶାକସବଜି ଓ ପଶୁ ପକ୍ଷୀ ଓ କଳ ଯନ୍ତ୍ରପାତି ପ୍ରଦର୍ଶନୀ ସହିତ ଟିକେଟର ଖେଳ ହେବ । ଆସନ୍ତା ସୋମବାରଠାରୁ ଶୁକ୍ରବାରପର୍ଯ୍ୟନ୍ତ ପ୍ରତିଦିନ ସକାଳେ କୃଷିକାର୍ଯ୍ୟର ପ୍ରକ୍ରିୟା ଦେଖାଇବା ଏବଂ, ଅପରାହ୍ନ କୃଷି ବିଷୟର ଉପଦେଶ ଦେବାକାର୍ଯ୍ୟ ହେବ ଓ ମଙ୍ଗଳବାର ଲୁଗାବୁଣା ଓ କଳଯନ୍ତ୍ରର କାର୍ଯ୍ୟ ପ୍ରଦର୍ଶିତ ହେବ । ପ୍ରତିଦିନ ସନ୍ଧ୍ୟା ଉପରୁ ନାନା ତାମାସା ଯଥା ଶସ୍ତାବାଜି, ଛାୟା ଶିଳ୍ପ, ଗୋଟିପୁଅ, ଯୋପାଠ ଯାତ୍ରା, ଗ୍ରାମୋଫୋନ ଇତ୍ୟାଦି ହେବ । ଅନ୍ତର କିମ୍ବା କେବଳ ଆମନ୍ତ୍ରିତ ଭଦ୍ରଲୋକ ଏବଂ ଲେଡ଼ୀମାନେ ଓ କାଲି ରବିବାର କେବଳ ମହିଳାମାନେ ଦେଖି ପାରିବେ । ଆସନ୍ତା ମାସ ତାରିଖରେ ପୁରସ୍କାର ବଣ୍ଟାଯିବ । ଏଥିରୁ ପାଠକମାନେ ଦେଖିବେ ଯେ ପ୍ରଦର୍ଶନୀ ଦେଖିବାର

Digitized by srujanika@gmail.com

ଅର୍ଜ୍ଜନ ଯଥେଷ୍ଟ ଅଛି । ଭରସା କରୁ ଜନସାଧାରଣ ଏ ପ୍ରଦର୍ଶନୀ ଦେଖିବାକୁ ଅଗ୍ରସର ସହିତ ଯିବେ ଏବଂ ତଦ୍ଦ୍ୱାରା ଲାଭବାନ୍ ହେବେ ସନ୍ଦେହ ନାହିଁ । ମାତ୍ର ଯାତ୍ରୀଙ୍କ ଆମୋଦର ବ୍ୟବସ୍ଥା ପ୍ରଚୁର ନ ହୋଇ ଶିକ୍ଷାପ୍ରଦ ହୋଇଥିଲେ ଯଥେଷ୍ଟ ହୋଇଥାନ୍ତା ।

---

ଉତ୍କଳ ସମ୍ମିଳନୀ କେନ୍ଦ୍ର, ସମିତିର ଏକ ଅଧିବେଶନ ଗତ ରବିବାର ଏଠା ଟାଉନ ଲାଇବ୍ରେରୀ ହଲରେ ହୋଇଥିଲା । ଇଞ୍ଜିନୀୟରିଂ ପ୍ରଭୃତି ବୃତ୍ତି ବିଷୟରେ ଶ୍ରୀଯୁକ୍ତ କମିଶନର ସାହେବଙ୍କ ପତ୍ରର ଉତ୍ତର ଚିଠା ଧାର୍ଯ୍ୟ ହେଲାପରେ ଶିକ୍ଷାସମ୍ବନ୍ଧୀୟ କମିଟି ସ୍ଥିର କଲେ ଯେ ସମ୍ମିଳନୀର ଶିକ୍ଷା ସମିତିର ଅର୍ଥଦ୍ୱାରା ବର୍ତ୍ତମାନ ଡାକ୍ତରୀ, ବାଣିଜ୍ୟ ଏବଂ କୃଷି ଏହି ତିନ ବିଷୟର ଶିକ୍ଷାନିମନ୍ତେ ଗୋଟିଏ ଲେଖାଏଁ ବୃତ୍ତି ଦିଆଯିବ ଯେ ଡାକ୍ତରୀ ବୃତ୍ତିଦ୍ୱାରା କଲିକତା ମେଡ଼ିକେଲ କଲେଜରେ ଏକଜଣ ଶିକ୍ଷା କରିବ ଓ ସେ ବୃତ୍ତିର ନାମ ଚନ୍ଦ୍ରଶେଖର ବୃତ୍ତି ହେବ । କୃଷି ଶିକ୍ଷାର ବୃତ୍ତି ଏ ନଗରର କୃଷିକ୍ଷେତ୍ର ଅଥବା ଅନ୍ୟଠାରେ ଦିଆ ହେବ । ବାଣିଜ୍ୟ ଶିକ୍ଷାର ସ୍ଥାନ ପରେ ନିର୍ଣ୍ଣିତ ହେବ । ଏଥିରୁ ଦେଖାଯାଏ ଯେ ସମ୍ମିଳନୀ କାର୍ଯ୍ୟ କରିବାରେ ତତ୍ପର ହୋଇଅଛନ୍ତି ଏବଂ ତହିଁ ସଙ୍ଗେ ଶିକ୍ଷାସମ୍ବନ୍ଧୀୟ ଓ ସାଧାରଣ ଚାନ୍ଦା ଆଦାୟ ଆରମ୍ଭ ହୋଇଅଛି । ତହିଁର ସଂକ୍ଷେପ ହିସାବ ସ୍ଥାନାନ୍ତରେ ପ୍ରକାଶିତ ହେଲା । ଓଡ଼ିଶାରେ ଏ ସକଳ ଶିକ୍ଷାର ଉପଯୁକ୍ତ ଉଚ୍ଚ ବିଦ୍ୟାଳୟ ନ ଥିବାସ୍ଥଳେ କଲିକତାକୁ ଛାତ୍ର ପଠାଇବା ଅନିବାର୍ଯ୍ୟ ଓ ତାହା ବ୍ୟୟସାଧ୍ୟ । ମାତ୍ର ସମ୍ମିଳନୀର ସଭ୍ୟମାନେ ଯେପରି ଉତ୍ସାହ ସହିତ ଗତ ଅଧିବେଶନରେ ଚାନ୍ଦା ସ୍ୱାକ୍ଷର କରିଥିଲେ ତାହା ଜାଗ୍ରତ ରଖିଲେ ଏବଂ ସ୍ୱାକ୍ଷରିତ ଚାନ୍ଦା ଶୀଘ୍ର ଆଦାୟ କଲେ ଅନାୟାସରେ ବ୍ୟୟ ନିର୍ବାହ ହୋଇ ପାରିବ । ଅତଏବ ସମସ୍ତ ଉତ୍କଳବାସିଙ୍କୁ ଏ ବିଷୟରେ ବିଶେଷ ମନୋଯୋଗୀ ହେବାକାରଣ ଏକାନ୍ତ ଅନୁରୋଧ କରୁଅଛୁଁ ।

---

ଗତମାସ ତା ୪ ରିଖରେ ଭାରତବର୍ଷର ସମୁଦାୟ ପ୍ରଦେଶରେ ବ୍ୟବସ୍ଥାପକ ସଭାମାନଙ୍କର ପ୍ରଥମ ଅଧିବେଶନ ହୋଇ ଲେଫ୍ଟନାଣ୍ଟ ଓ ଗବର୍ଣ୍ଣର ମହୋଦୟଙ୍କ ପକ୍ଷରୁ ଅତ୍ୟନ୍ତ ସହାନୁଭୂତି ସୂଚକ ଉକ୍ତିମାନ ବକ୍ତୃତାରେ ପ୍ରକାଶିତ ହେବାରୁ ସେଦିନ ଭାରତବାସିଙ୍କ ପକ୍ଷେ ଗୋଟିଏ ଶୁଭଦିନ ଥିବାର ବୋଧଯିବ । ଏହି ଶୁଭାନୁଷ୍ଠାନ ଯୋଗୁଁ ସେ ଦିନ ସମସ୍ତ ଭାରତବାସୀ ଜାଗ୍ରତ ଥିଲେ । ଅନ୍ୟାନ୍ୟ ସ୍ଥାନରେ ସଭା ଓ ବକ୍ତୃତା ହୋଇ କାର୍ଯ୍ୟ ଶେଷ ହେଲା ମାତ୍ର ମାନ୍ଦ୍ରାଜର ଗବର୍ଣ୍ଣର ମହୋଦୟ ସେଦିନ ଅପରାହ୍ନ କାଳରେ ଗୋଟିଏ ବୈଠକ କରି ତହିଁରେ ଯୋଗ ଦେବାକାରଣ ବ୍ୟବସ୍ଥାପକ ସଭାର ସରକାରୀ ଓ ବେସରକାରୀ ୬୦ଜଣ ସଭ୍ୟ, ବଡ଼ଲାଟଙ୍କ ସଭା ସକାଶେ ନିର୍ବାଚିତ ହୋଇଥିବା ୪ଜଣ ସଭ୍ୟ, ହାଇକୋର୍ଟର ସମସ୍ତ ବିଚାରପତି, ବ୍ୟବସ୍ଥାପକ ସଭାର ସେକ୍ରେଟେରୀ, ମାନ୍ଦ୍ରାଜ ମିଉନିସିପାଲିଟିର ଚେୟାରମାନ ଓ ସେଠା କଲେକ୍ଟରଙ୍କୁ ଆମନ୍ତ୍ରଣ କରିଥିଲେ । ସାଦର ସମ୍ଭାଷଣରେ ଅତି ପ୍ରୀତ ମନରେ ସମସ୍ତେ ସନ୍ଧ୍ୟାକାଳ ଅତିବାହିତ ପୂର୍ବକ ପରକ୍ଷଣରେ ଉଭୟ ଜାତୀୟ ଲୋକଙ୍କ ନିମିତ୍ତ ବ୍ୟବସ୍ଥା ହୋଇଥିବା ଜଳପାନରେ ଯୋଗ ଦେଇ ଆମନ୍ତ୍ରିତ ଲୋକେ ମାନ୍ୟବର ଗବର୍ଣ୍ଣର ମହୋଦୟଙ୍କ ଠାରୁ ବିଦାୟ ଘେନି ଆପଣା୨ ଘରକୁ ବାହୁଡ଼ି ଥିଲେ । ଏ କ୍ଷେତ୍ରରେ ମାନ୍ଦ୍ରାଜର ଉଦାରମତି ଗବର୍ଣ୍ଣର ଯେ ସମସ୍ତଙ୍କୁ ଜିଣିଯାଇଅଛନ୍ତି ବୋଲିବା ବାହୁଲ୍ୟ । ଈଶ୍ୱର କରନ୍ତୁ ସରକାରୀ କର୍ମଚାରୀ ଓ ଲୋକମାନେ ଏହିପରି ମିଳାମିଶି ସ୍ୱାୟତ୍ତ ଶାସନ ନୀତିର ଗୌରବ ବୃଦ୍ଧିରେ ଯତ୍ନଶୀଳ ହେଉନ୍ତୁ ।

---

ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁର ଘୋଷଣା ପ୍ରଚାର କରିଅଛନ୍ତି ଯେ ସନ ୧୯୦୭ ସାଲର ରାଜଦ୍ରୋହ ସଭା ନିବାରଣ ବିଷୟର ଆଇନ ( ସନ ୧୯୦୭ ସାଲର ୬ ଆଇନ ) ମାନ୍ଦ୍ରାଜ, ବମ୍ବେଇ, ବଙ୍ଗ, ଯୁକ୍ତପ୍ରଦେଶ, ପଞ୍ଜାବ ଏବଂ ମଧ୍ୟପ୍ରଦେଶ ଏହି ସମସ୍ତ ପ୍ରଦେଶରେ ପ୍ରବର୍ତ୍ତିତ ହେଲା । ଏ ଆଇନ ବିଧିବଦ୍ଧ ହେଲାଉତ୍ତାରୁ କେବଳ ପୂର୍ବବଙ୍ଗର କେତେକ ଜିଲ୍ଲାରେ ଜାରି ହୋଇଥିଲା ଏବଂ କଥା ଥିଲା ଯେ ନିତାନ୍ତ ପ୍ରୟୋଜନ ନ ହେଲେ ଅନ୍ୟ କୌଣସିଠାରେ ପ୍ରଚଳିତ ହେବ ନାହିଁ । ଏଥିରୁ ଅରାଜକତା ଶାନ୍ତ ନ ହୋଇ କ୍ରମେ ଅନ୍ୟାନ୍ୟ ପ୍ରଦେଶରେ ବିସ୍ତାର ହେବାର ଦେଖାଗଲା । ଏହି ଶୋଚନୀୟ ଅବସ୍ଥା ଦେଖି ସମ୍ଭବତଃ ଭାରତ ଗବର୍ଣ୍ଣମେଣ୍ଟ ସେହି ଆଇନ ସମସ୍ତ ଭାରତରେ ଜାରି କରିଅଛନ୍ତି । ମାତ୍ର ଯେଉଁ କେତେଜଣ ଅଜ୍ଞାନୀ ଦୁଷ୍ଟପ୍ରକୃତି ବ୍ୟକ୍ତି ରାଜକର୍ମଚାରୀ ହତ୍ୟାପ୍ରଭୃତି ଦୁଷ୍କୃତ କାର୍ଯ୍ୟଦ୍ୱାରା ଜନସାଧାରଣର ଶତ୍ରୁ ହୋଇଅଛନ୍ତି ସଭାବନ୍ଦ ଆଇନଦ୍ୱାରା ସେମାନେ କିପରି ଦମନ ହେବେ ଆମ୍ଭେମାନେ ବୁଝି ପାରୁନାହୁଁ । ଗୋପନରେ କାର୍ଯ୍ୟ କରିବା ସେମାନଙ୍କର ପନ୍ଥା । ସେମାନେ ସଭାରେ ବସି ବିଚାର କରନ୍ତି ନାହିଁ । କେଉଁ ଜଣାଏକଙ୍କ ଘରେ ସେମାନଙ୍କର ଗୁପ୍ତ ବିଚାର ହେଉଥିବ । ତାହା ଜାଣିବା ସେମାନଙ୍କର ଏକାନ୍ତ ସଙ୍ଗୀ ବିନା ଅନ୍ୟ କାହାର ଉପାୟ ନାହିଁ । ପ୍ରକାଶ୍ୟ ସଭାଦ୍ୱାରା ସେମାନଙ୍କର ଗୁପ୍ତ ମନ୍ତ୍ରଣାର କୌଣସି ବ୍ୟାଘାତ ହେବ ନାହିଁ । ମାତ୍ର ସଭା ବନ୍ଦଦ୍ୱାରା ସାଧାରଣ ଭଦ୍ରଲୋକଙ୍କ ମନରେ ଭୟ ହେବ ଓ ତହିଁରୁ ଅଶାନ୍ତି ବୃଦ୍ଧି ହେବା ଛଡ଼ା ଆଉ କିଛି ଫଳ ହେବା ବୁଝି ପାରୁ ନାହୁଁ । କର୍ତ୍ତୃପକ୍ଷଙ୍କର ବିଚାର ବେଳେ, ବୁଝିବା ସହଜ ନୁହେ ।

---

## ପ୍ୟାରୀମୋହନ ସ୍କୁଲ ସଭା ।

ଗତ ମଙ୍ଗଳବାର ସନ୍ଧ୍ୟାସମୟରେ ଏଠା ପ୍ୟାରୀମୋହନ ଏକାଡେମୀ ସ୍କୁଲ ଗୃହରେ ତହିଁର ସ୍ଥାପୟିତା ସ୍ୱର୍ଗୀୟ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ସାମ୍ବତ୍ସରିକ ସଭା ପ୍ରଥମ ହୋଇ ଉତ୍କଳ ଯୁବକବୃନ୍ଦଙ୍କ ସଙ୍ଘକର୍ତ୍ତୃକ ଆହୂତ ହୋଇଥିଲା । ସଭାଗୃହଟି ଅତି ସୁନ୍ଦରଭାବରେ ସଜ୍ଜିତ ହୋଇ ମୃତ ମହାତ୍ମାଙ୍କ ସତ୍ୟନିଷ୍ଠା, କର୍ତ୍ତବ୍ୟଜ୍ଞାନ, ସାଧୁଚରିତ, ଦୟା ଓ ସ୍ୱାର୍ଥତ୍ୟାଗାଦି ଗୁଣ ଅକ୍ଷରବିନ୍ୟାସରେ କାନ୍ଥରେ ଅଙ୍କିତ ହୋଇଥିଲା ଏବଂ ସ୍ଥାନୀୟ କେତେକ ଲୋକଙ୍କସହିତ ଏକାଡେମୀ ଓ ରେଭେନ୍ସା କଲେଜ ଓ ସ୍କୁଲର ଛାତ୍ରମାନେ ଉପସ୍ଥିତ ଥିଲେ । ରାୟ ସୁଦାମଚନ୍ଦ୍ର ନାୟକ ବାହାଦୁର ସଭାପତିର ଆସନ ଗ୍ରହଣ କଲାର ଗୋଟିଏ ସଙ୍ଗୀତ ଓ ଓଡ଼ିଆ ଏବଂ ସଂସ୍କୃତରେ ସ୍ୱର୍ଗୀୟ ମହାତ୍ମାଙ୍କ ଗୁଣାବଳୀ ସଂଯୁକ୍ତ ପଦ୍ୟ ପଠିତ ହେଲାପରେ ବାବୁ ବିଶ୍ୱନାଥ କର ଗାତ୍ରୋତ୍ଥାନପୂର୍ବକ ଆମ୍ଭ ଦେଶର ଜଣେ ସଦାଶୟ ସ୍ୱଦେଶହିତୈଷୀ ପ୍ୟାରୀମୋହନଙ୍କ ସ୍ମୃତିନିମିତ୍ତ ସଭା ଆହୂତ ହେବା ଅତ୍ୟନ୍ତ ସୁଖର ବିଷୟ ବୋଲି କହି ପରକ୍ଷଣରେ ସେ ଏ ଦେଶୀୟ ବଙ୍ଗାଳି ଥିଲେହେଁ କୌଣସି ବିଦେଶ ଭାବ ନ ଥିଲା ବରଂ ତାଙ୍କର ସ୍ମୃତିନିମନ୍ତେ ଓଡ଼ିଆମାନେ ଯତ୍ନପୂର୍ବକ ସଭା ଆହୂତ କରିବାସଙ୍ଗେ ଓଡ଼ିଆ ଓ ବଙ୍ଗାଳିମାନେ ଏକତ୍ର ଭ୍ରାତୃଭାବରେ ସମବେତ ହେବା ଅତୀବ ସୁଖର ବିଷୟ ବୋଲି ବ୍ୟକ୍ତ କଲେ । ତହିଁ ଉତ୍ତାରୁ ବାବୁ ବଳରାମ ଦାସ ପ୍ରଭୃତି କେତେକ ସଭ୍ୟ ମହୋଦୟଙ୍କ କର୍ତ୍ତୃକ ମୃତମହାତ୍ମାଙ୍କ ଗୁଣାନୁବାଦ ହେଲାରୁ ସଭାପତି ମହାଶୟ ବାବୁ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ପୁତ୍ର ସେ ସ୍ଥାନରେ ଉପସ୍ଥିତ ଥିବାହେତୁ ତାଙ୍କୁ କିଛି କହିବାକାରଣ ଆହ୍ୱାନ କଲେ । ସେ ଅଳ୍ପ କଥାମଧ୍ୟରେ ତାଙ୍କ ପିତାଙ୍କ ରଚିତ ଓଡ଼ିଶାର ଇତିହାସ ବହୁଳ ପ୍ରଚାର ନ ହେବାହେତୁ ଦୁଃଖ ପ୍ରକାଶ କରିଥିଲେ । ବାବୁ ବୈକୁଣ୍ଠନାଥ ଦତ୍ତ ମହାଶୟ ବର୍ତ୍ତମାନ ଏକାଡେମୀର ସେକ୍ରେଟେରୀ ସେ ସମ୍ବନ୍ଧରେ ସହାନୁଭୂତି ପ୍ରକାଶପୂର୍ବକ କହିଲେ

Digitized by srujanika@gmail.com